## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଶିଶୁସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୨୧ତମ ଜୟନ୍ତୀ, ସ୍ଥାନ-ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସର, ସମୟ-ପୂର୍ବାହ୍ନ ୧୦ ଘଟିକା।

# ୫ ବର୍ଷ ହେଲା ଅଟକିଛି ସମ୍ପ୍ରସାରଣ ପ୍ରସ୍ତାବ

**ଯାଜପୁର, ୯।୯ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଞ୍ଚିଚୁଆଁ ଅଞ୍ଚଳବାସୀଙ୍କ ବିରୋଧ ଯୋଗୁ ରାମ୍‌କୀ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ପ୍ରସ୍ତାବିତ ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି। ପାରିପାର୍ଶ୍ୱିକ ବିକାଶ ଏବଂ ଜଳ, ବାୟୁ ପ୍ରଦୂଷଣ ନିୟନ୍ତ୍ରଣରେ ବିଫଳତା ଯୋଗୁ ଲୋକେ ୫ ବର୍ଷ ତଳେ ଅର୍ଥାତ ୨୨।୩।୨୦୧୮ରେ ଅନୁଷ୍ଠିତ ଜନଶୁଣାଣିକୁ ବିରୋଧ କରି ଏଭଳି ପଦକ୍ଷେପ ନେଇଥିଲେ। ଏହାପରେ ରାମ୍‌କୀ ପକ୍ଷରୁ ପରବର୍ତ୍ତୀ ଜନଶୁଣାଣି ବି ସଫଳ ହୋଇ ନ ପାରିବାରୁ ଏହି ପ୍ରକଳ୍ପରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ଚର୍ଚ୍ଚା ହେଉଛି। ଫଳରେ ଖଣି ଏବଂ ବିଭିନ୍ନ ଶିଳ୍ପସଂସ୍ଥାଗୁଡ଼ିକର ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ହେଉ ନ ଥିବାରୁ ସ୍ୱଚ୍ଛ ପରିବେଶ ଆଶା ଦିନକୁ ଦିନ ଆହୁରି ଉତ୍କଟ ହେଉଥିବା ମତପ୍ରକାଶ ପାଉଛି।

ରାମ୍‌କୀ ଏନ୍‌ଭିରୋ ଇଞ୍ଜିନିୟର୍ସ ଲିମିଟେଡ୍ ଓଡ଼ିଶା ଜୈବ ଔଷଧୀୟ ପରିଚାଳନା ପ୍ରକଳ୍ପର ଏକ ବିଭାଗ। ଯାଜପୁର ଜିଲାରେ ଏକ କମନ୍ ବାୟୋ-ମେଡିକାଲ ୱେଷ୍ଟ ଟ୍ରିଟ୍‌ମେଣ୍ଟ ଫାସିଲିଟି (ସିବିଡବ୍ଲ୍ୟୁଟିଏଫ୍) ସ୍ଥାପନ କରି ବର୍ଜ୍ୟ ପରିଚାଳନା କରିବା ପାଇଁ ପ୍ରସ୍ତାବ ହୋଇଥିଲା। ଏହି ପ୍ରକଳ୍ପ ପାଇଁ କାଞ୍ଚିଚୁଆଁ ଗ୍ରାମରେ ୧ ଏକର ପରିମିତ ଜମିରେ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ଏଥିରେ କଳିଙ୍ଗନଗର ସମେତ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ଖଣି ଓ ଶିଳ୍ପାଞ୍ଚଳର ପ୍ରାୟ ୩୦ ହଜାର ଶଯ୍ୟାରୁ ବିପଦପୂର୍ଣ୍ଣ ବର୍ଜ୍ୟ ସଂଗ୍ରହ କରି ତାହାକୁ ପରିଚାଳନା କରିବାକୁ ପ୍ରସ୍ତାବ ଥିଲା। ରାଜ୍ୟର ୩୫୪ଟି ଶିଳ୍ପ କାରଖାନାରେ ବିପଦପୂର୍ଣ୍ଣ ବର୍ଜ୍ୟ ସୃଷ୍ଟି ହେଉଛି। ଏହିକ୍ରମରେ ସମନ୍ୱିତ ବିପଦପୂର୍ଣ୍ଣ ବର୍ଜ୍ୟ ପରିଚାଳନା ପ୍ରକଳ୍ପର ଆବଶ୍ୟକତା ରହିଛି ବୋଲି ରାମ୍‌କୀ ଯୁକ୍ତି ବାଢ଼ିଥିଲା। ପୂର୍ବରୁ କାଞ୍ଚିଚୁଆଁଠାରେ ୭୦ ଏକର ପରିମିତ ଜମିରେ ବାର୍ଷିକ ୭୫ ହଜାର ଟନ୍ କ୍ଷମତା ବିଶିଷ୍ଟ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ରହିଛି। ପାଣିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକାଧିକ ବୋରୱେଲ ଖନନ କରାଯାଇ ଜଳ ଉତ୍ତୋଳନ କରାଯାଉଛି। ଫଳରେ ଆଖପାଖ ଗ୍ରାମରେ ଭୂତଳ ଜଳ ନିମ୍ନଗାମୀ ହେବା ସହିତ ପାନୀୟ ଜଳର ଉତ୍କଟ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ଏହାସହ ସ୍ଥାନୀୟ ନିଯୁକ୍ତିକୁ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଛି। ବେଳେବେଳେ ରାମ୍‌କୀର ଏହି ପ୍ରକଳ୍ପରୁ ଦୂଷିତ ବାୟୁ ନିର୍ଗତ ହୋଇ ଆଖପାଖ ଅଞ୍ଚଳର ଗ୍ରାମବାସୀଙ୍କ ଆଖି ଏବଂ ନାକ ପୋଡିବା କାରଣରୁ ଅଞ୍ଚଳବାସୀ ଆନ୍ଦୋଳନ କରିଥିବା ନଜିର ରହିଛି। ବିଷାକ୍ତ ବାୟୁ ସମେତ ବର୍ଜ୍ୟ ସଂସ୍ପର୍ଶରେ ଆସୁଥିବା ଜଳ ବାହାରକୁ ଆସି ଆଖପାଖ ଗ୍ରାମଗୁଡ଼ିକରେ ଥିବା କୂଅ ପୋଖରୀରେ ମିଶି ପାନୀୟ ଜଳକୁ ଦୂଷିତ କରୁଛି। ସ୍ଥାନୀୟ ନିଯୁକ୍ତି ନ ଦେବା ଏବଂ ବିଷାକ୍ତ ପ୍ରଦୂଷଣ କାରଣରୁ ପ୍ରଭାବିତ ଲୋକେ ଏହି ପ୍ରକଳ୍ପର ସମ୍ପ୍ରସାରଣକୁ ବିରୋଧ କରୁଥିବା ମତପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୨ରେ ଅନୁଷ୍ଠିତ ଜନଶୁଣାଣିକୁ ୫ଟି ପଞ୍ଚାୟତର ସରପଞ୍ଚ ଓ ଜନସାଧାରଣ ପ୍ରବଳ ବିରୋଧ କରିଥିଲେ। କମ୍ପାନୀର ସମ୍ପ୍ରସାରଣ ସହିତ ଭସ୍ମୀଭୂତ ପଦାର୍ଥର ସୁପରିଚାଳନା ପାଇଁ ଭସ୍ମକ ଯନ୍ତ୍ର ପ୍ରତିଷ୍ଠା, ଶିଳ୍ପ/ଖଣି ସଂସ୍ଥାରୁ ବର୍ଜ୍ୟବସ୍ତୁ ସଂଗ୍ରହ, ଜରୁରିକାଳୀନ ଉତ୍ତର ପ୍ରକଳ୍ପ (ଇମର୍ଜେନ୍ସି ରେସ୍‌ପନ ପ୍ଲାନ୍) ପ୍ରଭୃତି ପ୍ରସ୍ତାବ ଏବେ ଅଟକି ରହିଛି। ଏ ସଂକ୍ରାନ୍ତରେ ରାମ୍‌କୀ କମ୍ପାନୀର ପରିଚାଳକ ପବିତ୍ର କୁମାର ଧଳଙ୍କୁ ପଚାରିବାରୁ ସେ କହିଛନ୍ତି, ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ ରହିଛି। ଜନଶୁଣାଣି ନ ହେବାରୁ ଏହି ପ୍ରକଳ୍ପ ପୂର୍ବ କ୍ଷମତା ଅନୁସାରେ ଚାଲିଛି। ତେବେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟ ସଚାରୁରୂପେ ଚାଲିଛି ଏବଂ ଲୋକଙ୍କ କୌଣସି ସମସ୍ୟା ହେଉନାହିଁ ବୋଲି ସେ କହିଛନ୍ତି।

**ରାମକୀ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ**




## ମନ୍ଦିରରୁ ଚୋରି ଡାକବାଜି ଯନ୍ତ୍ରାଂଶ ଜବତ, ଜଣେ ଅଟକ

**ରସୁଲପୁର, ୯।୯ (ରଞ୍ଜିତ ରାଉତ):**

କୁଆଖିଆ ଥାନା ଗନ୍ଧଣ ପଞ୍ଚାୟତ ବ୍ରାହ୍ମଣ ନରସିଂହପୁର ଗ୍ରାମ ମନ୍ଦିରରୁ ଚୋରି ହୋଇଥିବା ଡାକବାଜୀ ଯନ୍ତ୍ରାଂଶକୁ ପୋଲିସ ଜବତ କରିଛି। ଏଥିସହିତ ଜଣେ ଟେଣ୍ଟ ହାଉସ୍ ମାଲିକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ଗୁରୁବାର ରାତିରେ ଡାକବାଜୀଯନ୍ତ୍ରରେ ବ୍ୟବହୃତ ୨୫୦ ପାୱାରର ମେଶିନ ଚୋରି ହୋଇଯାଇଥିଲା। ଏନେଇ ମନ୍ଦିର ପୂଜକ ଶୁକ୍ରବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସାଇଣ୍ଟିଫିକ୍ ଦଳ, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ମାଇକ ମେସିନକୁ ଟେଣ୍ଟ୍ ହାଉସ ମାଲିକ ନଠୁଆବର ପଞ୍ଚାୟତର ଲକ୍ଷ୍ମୀଧର ସାହୁଙ୍କଠାରୁ ଜବତ କରିବା ସହ ଅଧିକ ତଥ୍ୟ ହାସଲ ନିମନ୍ତେ ତାଙ୍କୁ ଥାନାରେ ଅଟକ ରଖିଛି। ହେଲେ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଟେଣ୍ଟ୍ ହାଉସ ମାଲିକଙ୍କ ତଥ୍ୟ ଆଧାରରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବ ବୋଲି ଆଶା କରାଯାଉଛି। ପୋଲିସ ଟେଣ୍ଟ୍ ହାଉସ ମାଲିକଙ୍କ ନିକଟରୁ ବହୁ ସାମଗ୍ରୀ ଜବତ କରିବା ସହ ସେ ସବୁର କାଗଜାତ୍‌କ ଦାଖଲ କରିବାକୁ କହିଛି।

## ପଟ୍ଟାମୁଣ୍ଡାଇ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ପଟ୍ଟାମୁଣ୍ଡାଇ, ୯।୯ (କଳ୍ପତରୁ ନାୟକ)**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ୨୦୨୩ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କୋର୍ଟ ଓ ରାଜନଗର କୋର୍ଟରେ ଥିବା ୮୪ଟି ଲିଟିଗେଶନ ମାମଲାରୁ ୨ଟିର ସମାଧାନ ହୋଇଛି। ୧୫୧ଟି ପଡ଼ି ରହିଥିବା ମାମଲା ମଧ୍ୟରୁ ୪୬ଟିର ସମାଧାନ ହେବା ସହ ୧ଲକ୍ଷ ୬,୪୮୦ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ଅନାଦେୟ ଋଣ ଆଦାୟ କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ କୋର୍ଟର ବିଚାରପତି ମୋନାଲିସା ପ୍ରଧାନ, ବିଚାରପତି ସମୀକ୍ଷା ମହାନ୍ତି, ବିଚାରପତି ସଙ୍ଗୀତା ମଲ୍ଲିକ, ରାଜନଗର କୋର୍ଟ ବିଚାରପତି ଜ୍ୟୋତିର୍ମୟୀ ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ବ୍ୟାଙ୍କର ପରିଚାଳକ ଓ କର୍ମଚାରୀ ଯୋଗ ଦେଇଥିଲେ।

# ବିଶ୍ୱ ଫିଜିଓଥେରାପି ଦିବସ




ବିଶ୍ୱ ଫିଜିଓଥେରାପି ଦିବସ ଅବସରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ରସୁଲପୁର, ୯।୯ (ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ବଡ଼କଇଞ୍ଚ ପଞ୍ଚାୟତ ଗରୁଆଳ ନିକଟସ୍ଥ ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନ ପକ୍ଷରୁ ଅଲ୍ ଓଡ଼ିଶା ଯୋଗ ଥେରାପିଷ୍ଟ ଆସୋସିଏଶନ ଆନୁକୂଲ୍ୟରେ ୨୩ତମ ବିଶ୍ୱ ଫିଜିଓଥେରାପି ଦିବସ ପାଳିତ ହୋଇଯାଇଛି। ସଂସ୍ଥାନର ସଭାପତି ପ୍ରମୋଦ କୁମାର ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଅସ୍ଥି ଓ ସ୍ନାୟୁରୋଗ ନିରାକରଣ ପାଇଁ ଫିଜିଓଥେରାପି ଏକ ବଳିଷ୍ଠ ଉପାୟ ବୋଲି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦୁର୍ନୀତି ନିବାରଣ ଫାଉଣ୍ଡେଶନ ଅଫ ଇଣ୍ଡିଆର ରାଜ୍ୟ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ବେହେରା, ସାମାଜିକକର୍ମୀ କାହ୍ନୁଚରଣ ଦାଶ, ଚିଦାନନ୍ଦ ଯୋଗ ସଂସ୍ଥାନର ନିର୍ଦ୍ଦେଶକ ବନମାଳୀ ରଥ, ଅଧ୍ୟାପକ ମନମୋହନ ବେହେରା, ପ୍ରଧାନଶିକ୍ଷକ ବୈଦେନ୍ଦ୍ରନାଥ ସାହୁ ଓ ସୁବାସ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସଂସ୍ଥାନର ବିଦ୍ୟାର୍ଥୀ ପୂର୍ଣ୍ଣଚନ୍ଦ୍ର ଓଝା, ସୁବୋଧ କୁମାର ସାହୁ, ମିନତି ବେହେରା, ରଶ୍ମିତା ସାହୁ, ହରପ୍ରିୟା ପୁହାଣ, ଖବରଦାତା ଜଗମୋହନ ରାଉତ, ନାରୀନେତ୍ରୀ ସାବିତ୍ରୀ ସାହୁ, ସାମାଜିକକର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ ଓ ପ୍ରକାଶ ଚନ୍ଦ୍ର ରଥଙ୍କୁ ସମ୍ମାନିତ କରାଯାଇଥିଲା।

## ଡ୍ରେନ୍‌ରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ଯାଜପୁରରୋଡ୍, ୯।୯ (ପବିତ୍ର ରଞ୍ଜନ ମହାନ୍ତି)**

ବ୍ୟାସନଗର ପୌରାଞ୍ଚଳର ରେଳବାଇ ରାସ୍ତା କଡ଼ ଡ୍ରେନରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ଡ୍ରେନ୍‌ରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଯାଜପୁରରୋଡ୍ ପୋଲିସ ପହଞ୍ଚି ମୃତଦେହ ଜବତ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ସମ୍ପୃକ୍ତ ବ୍ୟକ୍ତି ଥରୁଥୁବାର ଦେଖିବାକୁ ମିଳିଥିଲା। ହୁଏତ ତାଙ୍କର ବାତ ରୋଗଥିଲା। ତେଣୁ ସେ ଡ୍ରେନରେ ପଡି ମୃତ୍ୟୁବରଣ କରିଥିବା ପୋଲିସ ଅନୁମାନ କରିଛି। ଉକ୍ତ ରାସ୍ତାରେ ସବୁସମୟରେ ଲୋକେ ଚଳପ୍ରଚଳ କରୁଥିଲେ ମଧ୍ୟ ଅନ୍ଧାର ଯୋଗୁ ଉକ୍ତ ଘଟଣା କାହା ନଜରରେ ପଡ଼ି ନ ଥିଲା। ମୃତବ୍ୟକ୍ତି ଜଣକ ଏକ ହାପ ପ୍ୟାଣ୍ଟ ପିନ୍ଧିଥିବାବେଳେ ତାଙ୍କ ନିକଟରୁ ଅନ୍ୟ କିଛି ସାମଗ୍ରୀ ମିଳିନାହିଁ। ସେ ଜରି ଗୋଟାଳି କିମ୍ବା ମାନସିକ ବିକୃତ ହୋଇଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ ୭୨ ଘଣ୍ଟା ପର୍ଯ୍ୟନ୍ତ ରଖାଯିବ। ଦାବିଦାର କେହିଥିଲେ ମୃତଦେହ ତାଙ୍କୁ ପ୍ରଦାନ କରାଯିବ ବୋଲି ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ଥାନାରେ ନଂ.୩୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗଣେଶ ପୂଜା ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ଥାନାଧିକାରୀ ଓ ଅନ୍ୟମାନେ।

**ଯାଜପୁର ଟାଉନ, ୯।୯ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଗଣେଶ ପୂଜା ପାଇଁ ଯାଜପୁର ପୋଲିସ ଓ ଗଣେଶ ପୂଜା କମିଟି ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଯାଜପୁର ଥାନା ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଯାଜପୁର ଅତିରିକ୍ତ ତହସିଲଦାର ପ୍ରଗତିକା ବଳ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା ଉପରେ ଉପସ୍ଥିତ ପୂଜା କମିଟିର ସଦସ୍ୟମାନଙ୍କ ସହିତ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ପୂଜା କମିଟି ନିଜନିଜ ପୂଜାର ସମ୍ପୂର୍ଣ୍ଣ ବିବରଣୀ ଆସନ୍ତା ୧୦ ତାରିଖ ସୁଦ୍ଧା ଥାନା ଅଧିକାରୀଙ୍କୁ ଜଣାଇବେ। ଏଥିସହିତ ସାଉଣ୍ଡ ପରିମିଶନ, ରୁଟ୍ ପରିମିଶନ, ପିଡବ୍ଲ୍ୟୁଡି ଓ ଅଗ୍ନିଶମ ପରିମିଶନ ପାଇଁ ଆବେଦନ କରିବେ। ସମସ୍ତ ପୂଜା କମିଟି ସେମାନଙ୍କ ସଭାପତି, ସମ୍ପାଦକଙ୍କ ନାମ, ସମ୍ପୂର୍ଣ୍ଣ ଠିକଣା ଓ ଫୋନ୍ ନମ୍ବର ଥାନା ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ସ୍ଥିର କରାଯାଇଛି। ପୂଜା ଦିବସଗୁଡ଼ିକରେ ସମସ୍ତ ସଦସ୍ୟ ଉପସ୍ଥିତ ରହି ଟ୍ରାଫିକ୍ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ପରିବେଷଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଭସାଣ ଉତ୍ସବରେ ବ୍ୟାଣ୍ଡପାର୍ଟିର ସର୍ବାଧିକ ୮ଟି ବକ୍ସ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ଭସାଣ ଉତ୍ସବ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦେବୀଗଡ଼ା ଘାଟରେ ମୂର୍ତ୍ତି ବିସର୍ଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ନିରାଶ୍ରୟ ମହିଳାଙ୍କୁ ସହାୟତା

**ପାଟକୁରା ୯।୯ (ରବୀନ୍ଦ୍ର ନାଥ ବାରିକ)**

ଗରଦପୁର ବ୍ଲକ ଓସ୍ତିଆ ଗ୍ରାମର ନିରାଶ୍ରୟ ମହିଳା କ୍ଷୀର ଘଡାଇଙ୍କୁ ସହାୟତାର ହାତ ବଢାଇଛନ୍ତି ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ଶତପଥୀ। କ୍ଷୀର ଦୀର୍ଘଦିନ ଧରି ବିଭିନ୍ନ ରୋଗରେ ପୀଡିତ ଥିବା ବେଳେ ତାଙ୍କର ଏକମାତ୍ର ପୁଅ ପ୍ରଶାନ୍ତ ମଧ୍ୟ ଭିନ୍ନକ୍ଷମ ଅଟନ୍ତି। ଏମାନଙ୍କୁ ନିରଶ୍ରୟ ଓ ଭନକ୍ଷମ ଲାଗି ଏକ ହଜାର ଟଙ୍କା ଭତ୍ତା ମିଳୁଛି। ସେତିକି ଟଙ୍କାରେ ୨ଜଣଙ୍କ ଚଳିବାକୁ ଯଥେଷ୍ଟ ନୁହେଁ। ଏହାଛଡା ଖାଦ୍ୟ ସୁରକ୍ଷା ଯୋଜନାରେ ମାତ୍ର ୧୦ କିଲୋ ଚାଉଳ ସରକାର ଯୋଗାଇ ଦେଉଥିଲେ ବି ପୁରା ମାସ ଯାଉ ନାହିଁ। ଫଳରେ ଅଧିକାଂଶ ସମୟ ମା' ପୁଅ ଉପବାସରେ ଦିନ କାଟୁଛନ୍ତି। ଏପରିକି ତାଙ୍କ ସ୍ୱାମୀଙ୍କ ନାମରେ ଇନ୍ଦିରା ଆବାସ ଗୃହ ବାବଦରେ ଯେଉଁ ୨୨ ହଜାର ଟଙ୍କା ମିଳିଥିଲା ସେଥିରୁ ମଧ୍ୟସ୍ଥି ବା ଦଲାଲ୍ ୧୦ ହଜାର ଟଙ୍କା ନେଇ ଯାଇଥିବାରୁ ତାଙ୍କର ଦେହାନ୍ତ ପରେ ସେ ଘର କରିପାରିନାହାନ୍ତି। ଏବେ ସେମାନେ ବାଧ ହୋଇ ଭଙ୍ଗା ଚାଳ ଛପର ଘରେ ରହୁଛନ୍ତି। ଏମିତି କି ରୋଗରେ ପୀଡିତ ଥିବାରୁ ଔଷଧ ମଧ୍ୟ ଖାଇ ପାରୁନାହାନ୍ତି। ତେବେ ସାମାଜିକ କର୍ମୀ ପ୍ରଦୀପ୍ତ ଏହି ଖବର ପାଇ ଆର୍ଥିକ ସହାୟତା ସହ ଚୁଡ଼ା, ଚାଉଳ ଓ ପିନ୍ଧିବା ଶାଢ଼ି ଯୋଗାଇ ଦେଇଛନ୍ତି। ଏହି ସମୟରେ ପ୍ରମିଳା ମହାନ୍ତି, ସାଇଦତ୍ତ ସାହାଣୀ, ସ୍ମୃତି ରଞ୍ଜନ ଦାଶ, ନିରଞ୍ଜନ ପରିଡ଼ା, କିଶୋର ପଣ୍ଡା, ପ୍ରତାପ ରଞ୍ଜନ ତ୍ରିପାଠୀ, ଓ ଚନ୍ଦ୍ର ପ୍ରକାଶ ମୁଦୁଲି, ନବାବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସୁନାଚେନ୍ ଲୁଟ୍ ଅଭିଯୋଗରେ ଜଣେ ଗିରଫ

**ଯାଜପୁରରୋଡ୍, ୯।୯ (ପବିତ୍ରରଞ୍ଜନମହାନ୍ତି):**

ସୁନା ଚେନ୍ ଲୁଟ୍ ଅଭିଯୋଗରେ ଯାଜପୁର ରୋଡ୍ ପୋଲିସ ଶନିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପାଣିକୋଇଲି ଥାନା ଓଉପଦା ଗ୍ରାମର ରାକେଶ ମହାନ୍ତି (୨୪)। ତାଙ୍କ ନିକଟରୁ ୨ ସୁନା ଚେନ ଜବତ ହୋଇଛି। ସେ ଗୋଟିଏ ଚେନ୍ ବନ୍ଧକ ରଖି ୧ଲକ୍ଷ ୧ହଜାର ୧ଶହ ଟଙ୍କା ଆଣିଥିଲେ। ବାକି ୧ ସୁନା ଚେନ ଏବଂ ଲକେଟ ତାଙ୍କ ଘରେ ଥିବା ପୋଲିସକୁ କହିବା ପରେ ପୋଲିସ ସେସବୁକୁ ଜବତ କରିଛି। ଏହାବ୍ୟତୀତ ତାଙ୍କ ନିକଟରୁ ଚୋରିରେ ବ୍ୟବହୃତ ଏକ ଟିଭିଏସ କମ୍ପାନୀର ବାଇକ୍ ସାଇକେଲ, ୧ ସାମସଙ୍ଗ ମୋବାଇଲ ଫୋନ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଯାଜପୁର ରୋଡ ଆଦର୍ଶ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ରାକେଶ ଧବଳଗିରି ଛକରେ ବୁଲୁଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା।

ଅଗଷ୍ଟ ୨୩ ତାରିଖରେ ଯାଜପୁର ରୋଡ ଥାନା ଅର୍ନ୍ତଗତ ଗାୟତ୍ରୀ ବିହାର ଅଞ୍ଚଳର ସୁନୀତା ପଟେଲ ନାମ୍ନୀ ମହିଳା ସେଣ୍ଟ୍ରାଲ ସ୍କୁଲରୁ ସାଇ ମନ୍ଦିର ରାସ୍ତାରେ ଫେରୁଥିଲେ। ଏହି ସମୟରେ ରାକେଶ ତାଙ୍କ ବେକରୁ ସୁନା ଚେନ ଏବଂ ଲକେଟ ନେଇ ପୋଷ୍ଟ ଅଫିସ ରାସ୍ତାରେ ପଳାଇଥିଲେ। ଏନେଇ ସୁନୀତା ୨୩ ତାରିଖରେ ଥାନାରେ ଏତଲା ଦାୟର କରିବା ପରେ ପୋଲିସ ନଂ.୩୮୨/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେହିପରି ରାକେଶ ଗତ ଅଗଷ୍ଟ ୧୭ ତାରିଖରେ କୋରେଇ ଥାନା ସନ୍ତରା ଛକ ନିକଟରୁ ଏକ ସୁନା ଚେନ ଏବଂ ୧୯ ତାରିଖରେ ମୋହନ ଭିଲ୍ଲା ନିକଟରୁ ଏକ ସୁନା ଚେନ ଲୁଟ କରିଥିଲେ। ଏନେଇ କୋରେଇ ଥାନାରେ ନଂ.୨୫୪/୨୩ ଏବଂ ୨୭୬/୨୩ରେ ୨ଟି ମାମଲା ରୁଜୁ ହୋଇଛି।

## ଭୋଗରାଇରେ ଡେଙ୍ଗୁ ମୃତ୍ୟୁସଂଖ୍ୟା ୨

**ଭୋଗରାଇ, ୯।୯ (ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଗୋଳା ବଗଡ଼ ଗ୍ରାମର ଧର୍ମପଦ ଦତ୍ତଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ (୩୦)ଙ୍କ ଡେଙ୍ଗୁରେ ଚିକିତ୍ସାଧୀନ ଥିବା ବେଳେ ମୃତ୍ୟୁ ହୋଇଛି। ନିକଟରେ ଚଣ୍ଡୀପୁର ଗ୍ରାମରେ ଡେଙ୍ଗୁରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଶନିବାର ଗୋଳାବଗଡ଼ ଗ୍ରାମର ଅନ୍ୟ ଜଣେ ମହିଳାଙ୍କ ମୃତ୍ୟୁ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି।

## ପୋଖରୀରୁ ମୃତଦେହ ଜବତ

**ରୂପସା, ୯।୯ (ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅଧୀନ ଭେଲୋରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଚଣ୍ଡୀପୁର ଗ୍ରାମର ଗୌରାଙ୍ଗ ମୁଖି (୫୪)ଙ୍କ ମୃତଦେହ ଶନିବାର ପୋଲିସ ଜବତ କରିଛି। ଗତ ୭ ତାରିଖ ସନ୍ଧ୍ୟାରୁ ସେ କୁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକ ବହୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ସକାଳ ସମୟରେ ବାଇତପଡ଼ା ଗ୍ରାମର ଏକ ପୋଖରୀରେ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖି ଗୌରାଙ୍ଗଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ପରିବାର ଲୋକ ଆସି ଏ ସମ୍ପର୍କରେ ଅମର୍ଦ୍ଦା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସନ୍ଦୀପ ଖୁଣ୍ଟୁର୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ।

## ପାରିବାରିକ କଳହରୁ ଆତ୍ମହତ୍ୟା

**ପାଟଣା, ୯।୯ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ଥାନା ଗଣ୍ଡବେଡ଼ା ପଞ୍ଚାୟତ ତେଲିପଡ଼ା ଗାଁରେ ପାରିବାରିକ କଳହରୁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ସୁଶୀଳ ନାଏକ (୫୦)। ଶନିବାର ସାହାରପଡ଼ା ଫାଣ୍ଡି ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ସୁଶୀଳ ଶୁକ୍ରବାର ରାତିରେ ଖାଇ ସାରିବା ପରେ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ଶନିବାର ସକାଳୁ ଘରଲୋକେ ଘରଠାରୁ ୧ ଶହ ମିଟର ଦୂରରେ ପଡ଼ିଆ ମଝିରେ ଥିବା ଏକ ଗଛରେ ସୁଶୀଳଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ଶଙ୍କର ଆଲଦା ପହଞ୍ଚି ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୭/୨୩) ରୁଜୁ ହୋଇଛି। ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରେ ପୋଲିସ ଜାଣିବାକୁ ପାଇଛି।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସରଙ୍କୁ ସମ୍ବର୍ଦ୍ଧନା




ଡ. ଲକ୍ଷ୍ମଣ ଯାଦବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଧର୍ମଶାଳା, ୯।୯ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଜାରକା ଛକଠାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ସାମାଜିକ ନ୍ୟାୟ ଆନ୍ଦୋଳନର ଜାତୀୟସ୍ତରୀୟ ନେତା ଡ. ଲକ୍ଷ୍ମଣ ଯାଦବଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସେ ଶନିବାର ବୌଦ୍ଧ କ୍ଷେତ୍ର ରତ୍ନଗିରି ଗସ୍ତରେ ଆସିଥିବାବେଳେ ସାମାଜିକ ନ୍ୟାୟ ଅଭିଯାନ, ରାଷ୍ଟ୍ରୀୟ ଯୁବା ସଂଗଠନ, ମୂଳ ନିବାସୀ ସମତା ପରିଷଦ, ଯାଜପୁର ଜିଲା ସର୍ବୋଦୟ ମଣ୍ଡଳ, ଆମ୍ବେଡକର ଫାଉଣ୍ଡେଶନ ଓ ଆମ୍ବେଡକର କ୍ଲବ ପକ୍ଷରୁ ଶତାଧିକ କର୍ମୀ ଡ. ଯାଦବ ଓ ବିପ୍ଳବୀ ଲେଖକ ଅମୀୟ ପାଣ୍ଡବଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ସାମାଜିକକର୍ମୀ ଦେବବ୍ରତ ରାଉତ, ଭଗତ ଦାସ, ବେଣୁଧର ମଲ୍ଲିକ, ମୋହନ ଦାସ, ବିଜୟ କୁମାର ଦାସ, ପଙ୍କଜ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, କାହ୍ନୁ ଚରଣ ମଲ୍ଲିକ, ପ୍ରଶାନ୍ତ ଦାସ, ବିପିନ ମଲ୍ଲିକ ଓ ଜିତେନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଧଳା କାର୍‌ରେ ବ୍ରାଉନ୍‌ସୁଗାର କାରବାର ଚର୍ଚ୍ଚା

**କୁଜଙ୍ଗ, ୯।୯ (ମନୋଜ ପ୍ରଧାନ)**

କୁଜଙ୍ଗ ଟ୍ୟାକ୍ସି ଷ୍ଟାଣ୍ଡରେ ଏକ ଧଳା କାର ଭଡାରେ ଚାଲିବା ନାଁରେ ସେଥିରେ ବ୍ରାଉନସୁଗାର କାରବାର ଚାଲିଥିବା ଚର୍ଚ୍ଚା ହେଉଛି। ଜଣେ ଜଣାଶୁଣା ବ୍ରାଉନ୍‌ସୁଗାର ବେପାରୀ ଏହି କାରର ମାଲିକ ହୋଇଥିବାବେଳେ ଡ୍ରାଇଭର ଜଣକ ବ୍ରାଉନସୁଗାର ଆଣି ବିଭିନ୍ନ ଅଞ୍ଚଳକୁ ଯୋଗାଉଥିବା କୁହାଯାଉଛି। ଉକ୍ତ ଗାଡି ନାମକୁ ମାତ୍ର ଭଡା ଲାଗିବା ପାଇଁ ଷ୍ଟାଣ୍ଡରେ ରହିଛି। ଯେତେବେଳେ ଯାତ୍ରୀ ଭଡାରେ ଯାଉଛନ୍ତି, ସେହି ସମୟରେ କାର୍‌ରେ ବ୍ରାଉନସୁଗାର ଅଣାଯାଉଛି। ମାଲିକଙ୍କ ନିର୍ଦ୍ଦେଶରେ ଡ୍ରାଇଭର ଜଣକ କାର୍ ରଖି ମୋଟରସାଇକେଲ ଯୋଗେ ଗାଁର ବିଭିନ୍ନ ଖୁଚୁରା ବ୍ୟବସାୟୀଙ୍କ ପାଖକୁ ଯାଇ ଏହି ବ୍ରାଉନ୍‌ସୁଗାର ଯୋଗାଇ ଦେଉଛନ୍ତି। ଏବିଷୟରେ ଅଧିକାଂଶ ଲୋକ ଅବଗତ ଥିଲେ ସୁଦ୍ଧା ପାଟି ଖୋଲିବାକୁ କେହି ସାହସ ଜୁଟାଇ ପାରୁନାହାନ୍ତି। ପୋଲିସ ଏହି ଧଳା କାର, ତାର ମାଲିକ ଓ ଡ୍ରାଇଭରର ଗତିବିଧି ଉପରେ ନଜର ରଖିଲେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ସାଧାରଣରେ ମତ ପ୍ରକଶ ପାଇଛି।

# ଛନ୍ଦାମୁଣ୍ଡ ଗ୍ରାମରାସ୍ତା ଶୋଚନୀୟ

**ସିଂହପୁର, ୯।୯ (ଅନଙ୍ଗ ଉଦୟ ବେହୁରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛନ୍ଦାମୁଣ୍ଡ ଗ୍ରାମର ୭ନଂ ୱାର୍ଡ କଟେରି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। କାଦୁଅ ପଚପଚ ଯୋଗୁ ଲୋକେ ଯାତାୟାତରେ ବହୁ ହିନସ୍ତା ଭୋଗୁଛନ୍ତି। ଏହି ରାସ୍ତା ଢଳାଇ କରିବାକୁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉନି। ପ୍ରଶାସନ ଓ ନେତାଙ୍କ ଆନ୍ତରିକତା ଅଭାବରୁ ରାସ୍ତା କାର୍ଯ୍ୟ ହେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ରାସ୍ତା କଂକ୍ରିଟ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିରେ ବିଳମ୍ବ ହେଲେ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଗ୍ରାମ୍ୟ ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଛି।

## ସଂକ୍ଷେପରେ

### ୪ ଫେରାର ଅଭିଯୁକ୍ତଙ୍କ ସହ ୫ କୋର୍ଟ ଚାଲାଣ

ବାଲିକୁଦା, ୯।୯ (ତାପସ ସ୍ୱାଇଁ)

ବାଲିକୁଦା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ପୋଲିସ ଚଢାଉ କରି ୪ ଜଣ ଫେରାର ଅଭିଯୁକ୍ତ, ବେଆଇନ ମଦ କାରବାର ଅଭିଯୋଗରେ ଜଣେ ଚୋରା ମଦ ବେପାରୀଙ୍କୁ ଗିରଫ କରି ସମସ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଉକ୍ତ ମଦ ବେପାରୀ ଜଣକ ହେଉଛି ଆମ୍ବଶାଳ ଗାଁର କୈଳାସ ବିଶ୍ୱାଳ। ଗିରଫ ସମୟରେ କୈଳାସଠାରୁ ସାଢ଼େ ୩ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ଥାନାଧିକାରୀ ସଲୀଲ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ଜ୍ଞାନରଞ୍ଜନ ଦାସ ଶନିବାର ଚଢ଼ାଉ କରି କୈଳାସଙ୍କୁ ଗିରଫ କରିବା ସହ ଓଡ଼ିଶା ଅବକାରୀ ଆଇନ ବଳରେ ନଂ. ୪୫୦/୨୩ରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଛନ୍ତି। ସେହିପରି ଫେରାର ଅଭିଯୁକ୍ତମାନେ ହେଲେ ସାମନ୍ତାରପୁର ଗାଁର ରଞ୍ଜନ ସ୍ୱାଇଁ, ଗୋପୀନାଥପୁର ଗାଁର ବବୁଲ ନାୟକ, ଫୁଲହାର ଗାଁର ଦେବାଶିଷ ନାୟକ, ଆମ୍ବଶାଳର ପ୍ରକାଶ ବିଶ୍ୱାଳ। ଏମାନଙ୍କ ନାମରେ ମାମଲା ଥିବା ବେଳେ ପୋଲିସ ଫାଙ୍କି ବୁଲୁଥିଲେ।

### ଧଳା କାର୍‌ରେ ବ୍ରାଉନ୍‌ସୁଗାର କାରବାର ଚର୍ଚ୍ଚା

କୁଜଙ୍ଗ, ୯।୯ (ମନୋଜ ପ୍ରଧାନ)

କୁଜଙ୍ଗ ଟ୍ୟାକ୍ସି ଷ୍ଟାଣ୍ଡରେ ଏକ ଧଳା କାର୍ ଭଡାରେ ଚାଲିବା ନାଁରେ ସେଥିରେ ବ୍ରାଉନସୁଗାର କାରବାର ଚାଲିଥିବା ଚର୍ଚ୍ଚା ହେଉଛି। ଜଣେ ଜଣାଶୁଣା ବ୍ରାଉନ୍‌ସୁଗାର ବେପାରୀ ଏହି କାରର ମାଲିକ ହୋଇଥିବାବେଳେ ଡ୍ରାଇଭର ଜଣକ ବ୍ରାଉନସୁଗାର ଆଣି ବିଭିନ୍ନ ଅଞ୍ଚଳକୁ ଯୋଗାଉଥିବା କୁହାଯାଉଛି। ଉକ୍ତ ଗାଡି ନାମକୁମାତ୍ର ଭଡା ଲାଗିବା ପାଇଁ ଷ୍ଟାଣ୍ଡରେ ରହିଛି । ଯେତେବେଳେ ଯାତ୍ରୀ ଭଡାରେ ଯାଉଛନ୍ତି, ସେହି ସମୟରେ କାର୍‌ରେ ବ୍ରାଉନସୁଗାର ଅଣାଯାଉଛି। ମାଲିକଙ୍କ ନିର୍ଦ୍ଦେଶରେ ଡ୍ରାଇଭର ଜଣକ କାର୍ ରଖି ମୋଟରସାଇକେଲ ଯୋଗେ ଗାଁର ବିଭିନ୍ନ ଖୁଚୁରା ବ୍ୟବସାୟୀଙ୍କ ପାଖକୁ ଯାଇ ଏହି ବ୍ରାଉନ୍‌ସୁଗାର ଯୋଗାଇ ଦେଉଛନ୍ତି। ଏବିଷୟରେ ଅଧିକାଂଶ ଲୋକ ଅବଗତ ଥିଲେ ସୁଦ୍ଧା ପାଟି ଖୋଲିବାକୁ କେହି ସାହସ ଜୁଟାଇ ପାରୁନାହାନ୍ତି । ପୋଲିସ ଏହି ଧଳା କାର, ତାର ମାଲିକ ଓ ଡ୍ରାଇଭର ଗତିବିଧି ଉପରେ ନଜର ରଖିଲେ ସତ୍ୟାସତ୍ୟ ପଦାକୁ ଆସିପାରିବ ବୋଲି ସାଧାରଣରେ ମତ ପ୍ରକଶ ପାଇଛି।

### ପୁରାତନ ଛାତ୍ର ସଂସଦ, ମୋ ସ୍କୁଲ ଅଭିଯାନ କମିଟି ବୈଠକ

ପଟ୍ଟାମୁଣ୍ଡାଇ, ୯।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଏମ୍.ଏନ୍. ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଓ ମୋସ୍କୁଲ ଅଭିଯାନ କମିଟି ପକ୍ଷରୁ ମିଳିତ ବୈଠକ ହାଇସ୍କୁଲ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ କମିଟିର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବରିଷ୍ଠ ଉପଦେଷ୍ଟା ଡ. କେଲୁଚରଣ ସ୍ୱାଇଁ, କୈଳାସ ଚନ୍ଦ୍ର ପାତ୍ର, ଭରତ ଚନ୍ଦ୍ର ପାତ୍ର, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ, କୋଷାଧକ୍ଷ ଆଇନଜୀବୀ ଗୋପୀନାଥ ତ୍ରିପାଠୀ, ଶିକ୍ଷକ ନେତା ବିଜୟ କୁମାର ସାହୁ, ତପନ ପାତ୍ର, ଗଗନ ବିହାରୀ ସୂତାର, ଶିକ୍ଷୟିତ୍ରୀ ସସ୍ମିତା ସିଂ, ଛାତ୍ର ସଂସଦ ଉପସଭାପତି ରମେଶ ଦେ, ଉପସଭାପତି ସଞ୍ଜୟ କୁମାର ବର୍ମା, ଅଶୋକ କୁମାର ଦାଶ, ପ୍ରମୋଦ ସାହୁ ପ୍ରମୁଖ ଏହି ସଭାରେ ଅଂଶଗ୍ରହଣ କରି ଏମ୍.ଏନ୍. ହାଇସ୍କୁଲର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁମତେ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା। ଏହି ହାଇସ୍କୁଲକୁ ରାଜ୍ୟ ସରକାର ୫-ଟି ମାଧ୍ୟମରେ ରୂପାନ୍ତରଣ କରାଯାଇଥିଲା। ମାତ୍ର ଏହି ଉନ୍ନତିମୂଳକ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଅସମ୍ପୂର୍ଣ୍ଣ କ୍ଲାସ୍‌ରୁମ ରଙ୍ଗ କାମ ସମାପ୍ତ କରିବାକୁ ବିଭାଗୀୟ ନିର୍ଦ୍ଦେଶ ଦେବାକୁ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଏକ ପ୍ରତିନିଧି ଦଳ ସ୍ଥିର କରାଯାଇଥିଲା। ଅକ୍ଟୋବର ପହିଲାରେ ପୁରାତନ ଛାତ୍ର ସଂସଦ ବାର୍ଷିକ ଉତ୍ସବ ପାଳନ କରାଯିବ। ଉକ୍ତ ଉତ୍ସବକୁ ସରସ ସୁନ୍ଦର କରିବାକୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେବାକୁ ଅନୁରୋଧ କରାଯାଇଥିଲା। ଶେଷରେ ପୁରାତନ ଛାତ୍ର ସଂସଦ ସମ୍ପାଦକ କସ୍ତୁରୀ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ୯୯୩ ମାମଲାରୁ ୪୦୦ ଫଇସଲା

- ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ତୃତୀୟ ଲୋକ ଅଦାଲତ
- ୩ କୋଟି ଟଙ୍କା ଆଦାୟ

ଜଗତ୍‌ସିଂହପୁର, ୯।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲା କୋର୍ଟ ଓ ସ୍ଥାନୀୟ ପୌର ପରିଷଦସ୍ଥିତ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଅନୁଷ୍ଠିତ ଏହି ଅଦାଲତରେ ଜିଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ କୁମାର ଚନ୍ଦନ ପୌରୋହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜଜ୍ ରାଜଶ୍ରୀ ମହାପାତ୍ର, ପରିବାର ଅଦାଲତ ଜଜ୍ ଭଗବାନ ପ୍ରଧାନ, ପ୍ରାଧିକରଣ ସଚିବ ସୁନନ୍ଦା ପାଢ଼ୀ, ସବ ଜଜ୍ ସୁଦୀପ୍ତା ଦେହୁରି, ମହିଳା କୋର୍ଟ ଜଜ୍ ସ୍ୱପ୍ନାଶ୍ରୀ ନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ରଶ୍ମିତା ସାହୁ, ଏସ୍‌ଡିଜେଏମ୍ ନିରଞ୍ଜନ ଦାସ ଓ ମୁନ୍‌ସିଫ ଅନନ୍ୟା ଦାସ ପ୍ରମୁଖ ଯୋଗଦେଇ ମାମଲାଗୁଡିକର ପରିଚାଳନା କରିଥିଲେ। ଦୁର୍ଘଟଣାଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ ପ୍ରସିକ୍ୟୁଟର ନଳିନୀକାନ୍ତ ମହାରଣା, ସରକାରୀ ଓକିଲ ସଲିଲ ଘୋଷ, ଆଇନଜୀବୀ ଧୀରେନ୍ଦ୍ରନାଥ ଆଚାର୍ଯ୍ୟ, ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ ଓ ଶଲ୍ୟ ବିଭାଗ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାନ୍ତି ସଭ୍ୟ ଭାବେ ଉପସ୍ଥିତ ରହି ମକଦ୍ଦମାଗୁଡିକୁ ପରିଚାଳନା କରିଥିଲେ। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ଯଥା ଫୌଜଦାରି (ସାଲିସ ଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ, ରାଜସ୍ୱ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ସହ ଜିଲାରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ ମକଦ୍ଦମା ଆଦିର ଫଇସଲା ହୋଇଥିଲା। ଅଦାଲତରେ ଜିଲାରୁ ମୋଟ ୯୯୩ ମାମଲା ମଧ୍ୟରୁ ୪୦୦ଟି ଫଏସଲା କରାଯାଇ ୩ କୋଟି ୧୫ ଲକ୍ଷ ୩୯ ହଜାର ୨୬୩ ଟଙ୍କା ଆଦାୟ ହୋଇଥିଲା। ବ୍ୟାଙ୍କ ଓ ଭାରତ ସଞ୍ଚାର ନିଗମ ଲିମିଟେଡ୍ ସମ୍ବନ୍ଧୀୟ ୫୫୦୯ଟି ପ୍ରାକ୍ ମକଦ୍ଦମା ମଧ୍ୟରୁ ୩୨ଟି ଫଇସଲା ହୋଇଥିଲା। ଏ ବାବଦରେ ୭ ଲକ୍ଷ ୯୯ ହଜାର ୯୦୦ ଟଙ୍କା ଋଣ ଆଦାୟ ହୋଇଥିଲା। ସେହିପରି ୧୫୭୯ଟି ରାଜସ୍ୱ ମାମଲା ମଧ୍ୟରୁ ୧୩୧୯ଟି ଫଇସଲା କରାଯାଇ ୧ ଲକ୍ଷ ୮୬ ହଜାର ୩୪୨ ଟଙ୍କା ଆଦାୟ କରାଯାଇଥିଲା। ଜିଲା କୋର୍ଟ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା କୋର୍ଟ ପରିସରରେ ବିଚାରପତିମାନଙ୍କ ଦ୍ୱାରା ମକଦ୍ଦମାଗୁଡ଼ିକର ଫଇସଲା କରାଯାଇ ଜରିମାନା ଆଦାୟ କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।


ରାଷ୍ଟ୍ରୀୟ ଲୋକ ଅଦାଲତରେ ଦୌରାଜଜ୍ ଅନୁପ କୁମାର ଚନନ୍ଦ ଓ ଅନ୍ୟମାନେ।

# କୁଜଙ୍ଗରେ ରାଷ୍ଟ୍ରୀୟ ଲୋକ ଅଦାଲତ


ଲୋକ ଅଦାଲତରେ ଦୌରାଜଜ୍ ପାର୍ଥ ସାରଥି ପଟ୍ଟନାୟକ ଅଭିଯୋଗ ଶୁଣୁଛନ୍ତି।

କୁଜଙ୍ଗ ୯।୯ (ମନୋଜ ପ୍ରଧାନ)

କୁଜଙ୍ଗ କୋର୍ଟ ପରିସରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ପାର୍ଥ ସାରଥି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଦାଲତରରେ ସବଜଜ୍ ଶର୍ମିଷ୍ଠା ପ୍ରିୟଦର୍ଶିନୀ ମହାନ୍ତି, ମୁନସଫ ଅନୁରାଧା ଶର୍ମା, ଜେଏମ୍ଏଫସି ବିଶ୍ୱଭୂଷଣ ନାୟକ ଉପସ୍ଥିତି ରହି ବିଭିନ୍ନ ମାମଲାର ବିଚାର କରିଥିଲେ। ଏହି ଲୋକ ଅଦାଲତରେ ୩୩୮ଟି କେସ୍‌ର ବିଚାର କରାଯାଇ ୯୭ଟି ଫଏସଲା କରାଯାଇଥିଲା। ଏଥିରୁ ୧୪ଲକ୍ଷ ୬୫ହଜାର ଟଙ୍କା ଆଦାୟ କରାଯାଇଛି। ଉକ୍ତ ଅଦାଲତରେ କୁଜଙ୍ଗ ବାର ଆସୋସିଏଶନର ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଅମୃତ ଦାସ, ରିଟେନର ଆଇନଜୀବୀ ଏଏନ୍‌ଡି ଯାଦବ, କୁଜଙ୍ଗ ଥାନା ଅଧିକାରୀ ରଶ୍ମି ରଞ୍ଜନ ଦାଶ ଉପସ୍ଥିତି ରହି ବିଚାର ପ୍ରକ୍ରିୟାକୁ ଆଗେଇ ନେଇଥିଲେ। ତାଲୁକ ଆଇନ ସେବା କମିଟି ପକ୍ଷରୁ ପ୍ରଦିପ୍ତ ମୁଦୁଲି ଓ ଧନେଶ୍ୱର ମଲ୍ଲ ସହାୟତା କରିଥିଲେ।


ପାରାଦୀପ ଇଫ୍‌କୋ କାରଖାନା ପଛପଟ ମହାନଦୀ ବାହାକୁଦ ଘାଟର କୂଳ ଖାଇବାରେ ଲାଗିଛି। ଫଳରେ ଏକ ବରଗଛର ମୂଳରୁ ଏକ ତୃତୀୟାଂଶ ମାଟି ବୋହିଯାଇ ନଦୀରେ ଲୀନ ହୋଇଯାଇଛି।

# ଅଧିକ ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ଯାଜପୁର ଟାଉନ, ୯।୯ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଅଧିକ ଯୌତୁକ ପାଇଁ ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ଗ୍ରାମର ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ହତ୍ୟାର ଶିକାର ମହିଳା ହେଲେ ଗ୍ରାମର ନାରଣ ଦଳାଇଙ୍କ ସ୍ତ୍ରୀ ବଉଳ ଦଳାଇ। ଅଭିଯୋଗ ପରେ ପୋଲିସ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଉକ୍ତ ଥାନା ଅଧୀନ ଏରବାଙ୍କ ପଞ୍ଚାୟତ ବାଙ୍କସାହି ଗ୍ରାମର ପ୍ରମୋଦ ଦଳାଇଙ୍କ ଭଉଣୀ ବଉଳ ୧୦ ବର୍ଷରୁ ଊର୍ଦ୍ଧ୍ୱହେବ ମାଳଆନନ୍ଦପୁର ଗ୍ରାମର ନାରଣଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ନଗଦ ୫୦ହଜାର ଟଙ୍କା ସହ ସମସ୍ତ ଆସବାବପତ୍ର ଯୌତୁକ ବାବଦକୁ ଦିଆଯାଇଥିଲା। ମାତ୍ର ବିବାହର ୧ ମାସ ପରେ ସ୍ୱାମୀ ନାରଣ, ଶାଶୁ ଫୁଂଶି, ଦିଅର କରୁଣା, ଯାଆ ଓ ଜେଜେ ଶାଶୁ ଅଧିକ ଯୌତୁକ ପାଇଁ ବଉଳଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏପରି କି ସେମାନେ ୧ ଲକ୍ଷ ଟଙ୍କା ଆଣିବା ପାଇଁ ବଉଳଙ୍କ ଉପରେ ଚାପ ପକାଉଥିଲେ। ଘଟଣାକୁ ନେଇ ବଉଳ ୨/୩ ଥର ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଗ୍ରାମର ଭଦ୍ରଲୋକମାନେ ଏହାର ସମାଧାନ କରିଦେଉଥିଲେ। ମାତ୍ର ଗତ ଗୁରୁବାର ଶାଶୁଘର ଲୋକେ ମିଶି ତାଙ୍କୁ ମାଡ଼ମାରି ଏକ ବନ୍ଦ କୋଠରିରେ ରଖିଦେଇଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କ ତଣ୍ଟି ଚିପି ମାରିଦେଇଥିଲେ ବୋଲି ଭାଇ ପ୍ରମୋଦ ସଦର ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଥାନାରେ ନଂ.୨୨୪/୨୩ରେ ଏକ ମାମଲା ରୁଜୁ ହୋଇଛି।

# ବାଲିଘର ପକ୍ଷରୁ ପ୍ରତିଭା ଚୟନ ପ୍ରତିଯୋଗିତା

କୁଜଙ୍ଗ, ୯।୯ (ମନୋଜ ପ୍ରଧାନ)

ସାହିତ୍ୟ ଓ ସାମାଜିକ ସଙ୍ଗଠନ ବାଲିଘର ଫାଉଣ୍ଡେଶନ ପକ୍ଷରୁ କୁଜଙ୍ଗ ବ୍ଲକ ବାଗୋଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ଉନ୍ନିତ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଶନିବାର ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓ ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ଦାସଙ୍କ ପରିଚାଳନାରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, ଚିତ୍ରାଙ୍କନ ଓ କବିତା ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ୬୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି ଅବସରରେ ବିଚାରକ ଭାବେ ଶିକ୍ଷାବିତ ଡ. ଗଙ୍ଗାଧର ସାମନ୍ତରାୟ ଓ ବିଜୟ ଚାନ୍ଦ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାପାତ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ। ଆସନ୍ତା ୧୫ ତାରିଖରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପଦକ ସହ ପୁରସ୍କୃତ କରାଯିବ ବୋଲି ଫାଉଣ୍ଡେଶନର ଅଧ୍ୟକ୍ଷଙ୍କଠାରୁ ପ୍ରକାଶ। ଶିକ୍ଷକ ବୈକୁଣ୍ଠ ବିହାରୀ ନାୟକ, ରଶ୍ମି ରଞ୍ଜନ ଦାସ, ଶିକ୍ଷୟିତ୍ରୀ କାଦମ୍ବିନୀ ବେହେରା, ଅମାନୀ ମଲ୍ଲିକ ସହଯୋଗ କରିଥିବା ବେଳେ ବିଜୟ ଖଟେଇ ଧନ୍ୟବାଦ ଦେଇଥିଲେ।



ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର, ପ୍ରଧାନଶିକ୍ଷକ ଓ ଅନ୍ୟମାନେ।

### ୨ ମଇଁଷି ଚାଲାଣ ଗାଡ଼ି ଜବତ: ୪ ଗିରଫ

ଜଗତ୍‌ସିଂହପୁର, ୯।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୋଲିସ ଶନିବାର ରାତିରେ ଥାନା ସମ୍ମୁଖ ଓ ଦେଉଳୀ ଗ୍ରାମେଶ୍ୱର ନିକଟରୁ ୨ଟି ଚାରିଚକିଆ ମଇଁଷି ଚାଲାଣ ଗାଡ଼ି ଜବତ କରିଛି। ସେଥିରୁ ୧୩ଟି ମଇଁଷି ଉଦ୍ଧାର କରାଯାଇଛି। ଏହି ଅଭିଯୋଗରେ ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ମକୁନ୍ଦପୁର ଗ୍ରାମର ଦୀପକ କୁମାର ବେହେରା (୪୧), ଦେଉଳୀ ଗ୍ରାମେଶ୍ୱରର ସେକ୍ ସଜିଦ୍ (୨୯), ମହମ୍ମଦ ଜାଫର (୨୦) ଓ ଖେରସ କନିଅରିପୋଖରୀର ଆଶିଷ ଗୁରୁ (୨୪)। କୌଣସିସୂତ୍ରରୁ ଖବରପାଇ ପୋଲିସ ଉଭୟସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଗାଡ଼ି ଧରିଥିଲ। ଜଗତ୍‌ସିଂହପୁର ଥାନା ଏସ୍ଆଇ ଚିନ୍ମୟ ପ୍ରକାଶ ପୃଷ୍ଟି ଓ ଏଏସ୍ଆଇ ଜଗବନ୍ଧୁ ସେଠୀଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୫୮୩/୨୩ ଓ ୫୮୪/୨୩) ରୁଜୁ କରାଯାଇଛି।

# ଚାରାରୋପଣ କାର୍ଯ୍ୟକ୍ରମ



ରାହାମା, ୯।୯ (ଶ୍ରୀକାନ୍ତ ଦାସ)

କୁଜଙ୍ଗ ବ୍ଲକ ରାହାମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତାଳପଡାରେ ରଜତ ଜୟନ୍ତୀ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟି ସଭାପତି ଅଜୟ କୁମାର ସାହୁ, ସମ୍ପାଦକ ଦୀପକ କୁମାର ଦାସ, ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶତପଥୀ, ରଜତ ଜୟନ୍ତୀ କମିଟି ସଭାପତି ସୁଧାକର ମନ୍ତ୍ରୀ, କାର୍ଯ୍ୟକାରୀ ସଭାପତି ବିଭୂତି ଭୂଷଣ ବରାଳ, କୋଷାଧକ୍ଷ ଭିକାରୀ ଚରଣ ସେନାପତି, ସମ୍ପାଦକ କାହ୍ନୁ ଚରଣ ସାହୁ, ସଭ୍ୟ ପ୍ରଦୀପ କୁମାର ବେଉରା ପ୍ରମୁଖ ଯୋଗଦେଇଥିଲେ।

# ବରୀରୁ ଭାଗନେଇଛନ୍ତି ୬ ଛାତ୍ରୀଛାତ୍ର

## ସାଇକ୍ଲିଂ ପ୍ରତିଯୋଗିତା

ବରୀ, ୯।୯ (ମହେନ୍ଦ୍ର ସ୍ୱାଇଁ)

ଓଡ଼ିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି ପର୍ବତ୍ୟାଞ୍ଚଳ ଆରୋହଣ ସାଇକ୍ଲିଂ ପ୍ରତିଯୋଗିତା। ଏହା କେନ୍ଦୁଝର ଜିଲା ହଦଗଡ଼ଠାରେ ଶନିବାର ଓ ରବିବାର ଦୁଇ ଦିନ ଧରି ଅନୁଷ୍ଠିତ ହେଉଛି। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସହିତ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିରେ ଯାଜପୁର ଜିଲା ବରୀ ବ୍ଲକ୍‌ରୁ ୬ ଛାତ୍ରୀଛାତ୍ର ପ୍ରତୀକ୍ଷା ପ୍ରଧାନ, ବର୍ଷାରାଣୀ ଜେନା, ଦୀପ୍ତିମୟି ଶାନ୍ତି, ଉଦିତ ଶାନ୍ତି, ରିରେଶ କୁମାର ପ୍ରଧାନ ଓ ଜିଟ୍ କୁମାର ଶାନ୍ତିଙ୍କ ସମେତ ପ୍ରଶିକ୍ଷକ ତରୁଣ କୁମାର ଦାସ ଅଂଶଗ୍ରହଣ କରିଛନ୍ତି। ପ୍ରଶିକ୍ଷକ ଦାସ ବରୀ ବ୍ଲକ୍ ଅଲିଆବାଦଠାରେ ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ବିଭିନ୍ନ କ୍ରୀଡ଼ା ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଜିଲାର ସାଇକ୍ଲିଷ୍ଟମାନେ ସଫଳତା ଅର୍ଜନ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।


ସାଇକ୍ଲିଂ ପ୍ରତିଯୋଗିତାରେ ଭାଗନେଇଥିବା ବରୀର ଛାତ୍ରୀଛାତ୍ରମାନେ।

# ୫ ବର୍ଷ ହେଲା ଅଟକିଛି ସମ୍ପ୍ରସାରଣ ପ୍ରସ୍ତାବ

## ରାମକୀ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ

ଯାଜପୁର, ୯।୯ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ସୁକିନ୍ଦା ବ୍ଲକ କାଞ୍ଚିରୁଆଁ ଅଞ୍ଚଳବାସୀଙ୍କ ବିରୋଧ ଯୋଗୁ ରାମକୀ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପର ପ୍ରସ୍ତାବିତ ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ ହୋଇ ପଡ଼ିଛି। ପାରିପାର୍ଶ୍ୱିକ ବିକାଶ ଏବଂ ଜଳ, ବାୟୁ ପ୍ରଦୂଷଣ ନିୟନ୍ତ୍ରଣରେ ବିଫଳତା ଯୋଗୁ ଲୋକେ ୫ ବର୍ଷ ତଳେ ଅର୍ଥାତ ୨୨।୩।୨୦୧୮ରେ ଅନୁଷ୍ଠିତ ଜନଶୁଣାଣିକୁ ବିରୋଧ କରି ଏଭଳି ପଦକ୍ଷେପ ନେଇଥିଲେ। ଏହାପରେ ରାମକୀ ପକ୍ଷରୁ ପରବର୍ତ୍ତୀ ଜନଶୁଣାଣୀ ବି ସଫଳ ହୋଇ ନ ପାରିବାରୁ ଏହି ପ୍ରକଳ୍ପରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ଚର୍ଚ୍ଚା ହେଉଛି। ଖଣି ଏବଂ ବିଭିନ୍ନ ଶିଳ୍ପସଂସ୍ଥାଗୁଡ଼ିକର ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ହେଉ ନ ଥିବାରୁ ସ୍ୱଚ୍ଛ ପରିବେଶ ଆଶା ଦିନକୁ ଦିନ ଆହୁରି ଉତ୍କଟ ହେଉଥିବା ମତପ୍ରକାଶ ପାଉଛି।

ରାମକୀ ଏନ୍‌ଭିରୋ ଇଞ୍ଜିନିୟର୍ସ ଲିମିଟେଡ୍ ଓଡ଼ିଶା ଜୈବ ଔଷଧୀୟ ପରିଚାଳନା ପ୍ରକଳ୍ପର ଏକ ବିଭାଗ। ଯାଜପୁର ଜିଲାରେ ଏକ କମନ୍ ବାୟୋ-ମେଡିକାଲ ୱେଷ୍ଟ ଟ୍ରିଟ୍‌ମେଣ୍ଟ ଫାସିଲିଟି (ସିବିଡବ୍ଲ୍ୟୁଟିଏଫ୍) ସ୍ଥାପନ କରି ବର୍ଜ୍ୟ ପରିଚାଳନା କରିବା ପାଇଁ ପ୍ରସ୍ତାବ ହୋଇଥିଲା। ଏହି ପ୍ରକଳ୍ପ ପାଇଁ କାଞ୍ଚିରୁଆଁ ଗ୍ରାମରେ ୧ ଏକର ପରିମିତ ଜମିରେ ପ୍ରାୟ ୪ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ଏଥିରେ କଳିଙ୍ଗନଗର ସମେତ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାର ଖଣି ଓ ଶିଳ୍ପାଞ୍ଚଳର ପ୍ରାୟ ୩୦ ହଜାର ଶଯ୍ୟାରୁ ବିପଦପୂର୍ଣ୍ଣ ବର୍ଜ୍ୟ ସଂଗ୍ରହ କରି ତାହାକୁ ପରିଚାଳନା କରିବାକୁ ପ୍ରସ୍ତାବ ଥିଲା। ରାଜ୍ୟର ୩୫୪ଟି ଶିଳ୍ପ କାରଖାନାରେ ବିପଦପୂର୍ଣ୍ଣ ବର୍ଜ୍ୟ ସୃଷ୍ଟି ହେଉଛି। ଏହିକ୍ରମରେ ସମନ୍ୱିତ ବିପଦପୂର୍ଣ୍ଣ ବର୍ଜ୍ୟ ପରିଚାଳନା ପ୍ରକଳ୍ପର ଆବଶ୍ୟକତା ରହିଛି ବୋଲି ରାମକୀ ଯୁକ୍ତି ବାଢ଼ିଥିଲା। ପୂର୍ବରୁ କାଞ୍ଚିରୁଆଁଠାରେ ୭୦ ଏକର ପରିମିତ ଜମିରେ ବାର୍ଷିକ ୭୫ ହଜାର ଟନ୍ କ୍ଷମତା ବିଶିଷ୍ଟ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ରହିଛି। ପାଣିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକାଧିକ ବୋରୱେଲ ଖନନ କରାଯାଇ ଜଳ ଉତ୍ତୋଳନ କରାଯାଉଛି। ଫଳରେ ଆଖପାଖ ଗ୍ରାମରେ ଭୂତଳ ଜଳ ନିମ୍ନଗାମୀ ହେବା ସହିତ ପାନୀୟ ଜଳର ଉତ୍କଟ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ବେଳେ ବେଳେ ରାମକୀର ଏହି ପ୍ରକଳ୍ପରୁ ଦୂଷିତ ବାୟୁ ନିର୍ଗତ ହୋଇ ଆଖପାଖ ଅଞ୍ଚଳର ଗ୍ରାମବାସୀଙ୍କ ଆଖି ଏବଂ ନାକ ପୋଡିବା କାରଣରୁ ଅଞ୍ଚଳବାସୀ ଆନ୍ଦୋଳନ କରିଥିବା ନଜିର ରହିଛି। ସ୍ଥାନୀୟ ନିଯୁକ୍ତି ନ ଦେବା ଏବଂ ବିଷାକ୍ତ ପ୍ରଦୂଷଣ କାରଣରୁ ପ୍ରଭାବିତ ଲୋକେ ଏହି ପ୍ରକଳ୍ପର ସମ୍ପ୍ରସାରଣକୁ ବିରୋଧ କରୁଥିବା ମତପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ମାର୍ଚ୍ଚ ୨୨ରେ ଅନୁଷ୍ଠିତ ଜନଶୁଣାଣିକୁ ୫ଟି ପଞ୍ଚାୟତର ସରପଞ୍ଚ ଓ ଜନସାଧାରଣ ପ୍ରବଳ ବିରୋଧ କରିଥିଲେ। କମ୍ପାନୀର ସମ୍ପ୍ରସାରଣ ସହିତ ଭସ୍ମୀଭୂତ ପଦାର୍ଥର ସୁପରିଚଳନା ପାଇଁ ଭସ୍ମକ ଯନ୍ତ୍ର ପ୍ରତିଷ୍ଠା, ଶିଳ୍ପ/ଖଣି ସଂସ୍ଥାରୁ ବର୍ଜ୍ୟବସ୍ତୁ ସଂଗ୍ରହ, ଜରୁରୀକାଳୀନ ଉତ୍ତର ପ୍ରକଳ୍ପ(ଏମର୍ଜେନ୍ସି ରେସପନ ପ୍ଲାନ) ପ୍ରଭୃତି ପ୍ରସ୍ତାବ ଏବେ ଅଟକି ରହିଛି। ଏ ସଂକ୍ରାନ୍ତରେ ରାମକୀ କମ୍ପାନୀର ପରିଚାଳକ ପବିତ୍ର କୁମାର ଧଳଙ୍କୁ ପଚାରିବାରୁ ସେ କହିଛନ୍ତି, ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ ରହିଛି। ଜନଶୁଣାଣୀ ନ ହେବାରୁ ଏହି ପ୍ରକଳ୍ପ ପୂର୍ବ କ୍ଷମତା ଅନୁସାରେ ଚାଲିଛି। ତେବେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟ ସଚାରୁରୂପେ ଚାଲିଛି ଏବଂ ଲୋକଙ୍କ କୌଣସି ସମସ୍ୟା ହେଉନାହିଁ ବୋଲି ସେ କହିଛନ୍ତି।



## ସଂକ୍ଷେପରେ

### କୋଦଳାରେ ରାଷ୍ଟ୍ରୀୟ ଲୋକ ଅଦାଲତ

କୋଦଳା,୯।୯(ଅମିତ କୁମାର ପଟ୍ଟନାୟକ)

ସ୍ଥାନୀୟ ବିଚାରାଳୟ ପରିସରରେ କୋଦଳା ତାଲୁକା ଆଇନ ସହାୟତା କମିଟି ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଡିଜେ ଚିନ୍ମୟ ଗୋଛାୟତ ଦୁଇଟି ମାମଲାକୁ ସମାଧାନ କରିଥିବା ବେଳେ ସବ୍‌ଜଜ୍ ବନାଲି ତ୍ରିପାଠୀ ଷ୍ଟେଟବ୍ୟାଙ୍କର ୫ଟି ମାମଲାରୁ ୧ ଲକ୍ଷ ୨୦ ହଜାର, କୃଷିଋଣ ଦୁଇଟି ମାମଲାରୁ ୯୫ ହଜାର ଆଦାୟ କରିଥିବା ବେଳେ ଅନ୍ୟ ୨୬ ମାମଲାକୁ ବିଚାର କରିଥିଲେ। ସେହିପରି ପ୍ରଥମଶ୍ରେଣୀ ବିଚାରପତି ବିମଳା ଲକ୍ଷ୍ମୀ ଚୌଧୁରୀ ବହୁ ମାମଲା ବିଚାର କରିଥିଲେ। ଏଥିରେ ସରକାରୀ ଓକିଲ ନୀଳାଚଳ ପଲାଇ, ତାରିଣୀ ଚରଣ ପଟ୍ଟନାୟକ, ବ୍ୟାଙ୍କ ଓକିଲ ସରୋଜ ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ଭଗବାନ ହୋତା, ସୋମନାଥ ବେହେରା, ମାନସ କୁମାର ମିଶ୍ର, ସପନ ମିଶ୍ରଙ୍କ ସହ ବହୁ ଆଇନଜୀବୀ ପରିଚାଳନାରେ ସହଯୋଗ କରିଥିଲେ।

### ପୋଲ ତଳୁ ଯୁବକଙ୍କ ମୃତଦେହ ଜବତ

ଗୋଛାପଡା,୯।୯(ରୋହିତ କହଁର)

ଫୁଲବାଣୀ ସଦର ଥାନା ଅନ୍ତର୍ଗତ କଟ୍ରିଙ୍ଗିଆ-ଦଡକି ରାସ୍ତାର ଲଦାମୁଣ୍ଡା ପୋଲ ତଳୁ ଶନିବାର ଏକ ବାଇକ ସହ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ଜଣକ ଗୋଛାପଡା ଥାନା ବାଲନ୍ଦାପଡା ପଞ୍ଚାୟତ ବାଘପଦର ଗ୍ରାମର ଉମାକାନ୍ତ କହଁର। ଉମାକାନ୍ତ ନିଜ ବାଇକ ଯୋଗେ ଫୁଲବାଣୀ ଆସି ସେଠାରୁ ବସ ଯୋଗେ ନୟାଗଡରେ ପଢୁଥିବା ନିଜ ଝିଅ ପାଖକୁ ଯାଇଥିଲେ। ଶୁକ୍ରବାର ରାତିରେ ସେ ଘରକୁ ଫେରୁଥିଲେ। ସକାଳେ କିଛି ବ୍ୟକ୍ତି ବାଇକ ସହ ପୋଲ ତଳେ ଉମାକାନ୍ତ ପଡିଥିବା ଦେଖି ସଦର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହା ଏକ ଦୁର୍ଘଟଣା ବୋଲି ଅନୁମାନ କରାଯାଉଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଜଣାପଡି ନାହିଁ। ଏ ନେଇ ଅଧିକ ତଦନ୍ତ ଚାଲିଥିବା ସଦର ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ବିଦ୍ୟାଳୟରୁ ଚୋରି ମାମଲାରେ ୨ ଗିରଫ

ଖଜୁରିପଡା,୯।୯(ବିଦୁର ବେହେରା)

ଖଜୁରିପଡା ଥାନା ଅନ୍ତର୍ଗତ ବୁଢାରାକାଡି ପଞ୍ଚାୟତ ହାଇସ୍କୁଲରେ ଗତ ୩୧ ତାରିଖରେ ହୋଇଥିବା ଚୋରି ଘଟଣା ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଦରଡ଼ା ଗ୍ରାମର ସୁମନ୍ତ ନାୟକ ଓବୁରୁପଦା ଅଞ୍ଚଳର ଦୀପକ କହଁର। ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ କାବୁ କରାଯିବା ସହ ଅନ୍ୟ ୨ ଫେରାର୍ ନାବାଳକଙ୍କୁ ମଧ ଧରାଯିବ ବୋଲି ଶନିବାର ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି। ଉକ୍ତ ହାଇସ୍କୁଲରୁ ଚୋରୀ ହୋଇଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସାହୁ ଖଜୁରିପଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୧୮/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନେ ଧରାପଡ଼ିବା ପରେ ସେମାନଙ୍କଠାରୁ ଚୋରି ହୋଇଥିବା ସାମଗ୍ରୀ କିବୋର୍ଡ଼ ସମେତ ମାଉସ, କ୍ରିକେଟ ବ୍ୟାଟ, ବଲ, ଫୁଟବଲ, ପ୍ରିଣ୍ଟର, ଗ୍ଲୋବସ ଆଦି ଜବତ କରାଯାଇଛି।

# ୧୧ବର୍ଷ ପରେ ଚାକିରିରୁ ବହିଷ୍କୃତ ହେଲେ ଶିକ୍ଷୟିତ୍ରୀ

## ନକଲି ସାର୍ଟିଫିକେଟ ଧରାପଡ଼ିଲା
## ଗିରଫ ଭୟରେ ଫେରାର

ଦିଗପହଣ୍ଡି/ପାଟପୁର,୯।୯
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ଗ୍ରାମର ନେହେରୁ ବହୁମୁଖୀ ବିଦ୍ୟାପୀଠ ସରକାରୀ ହାଇସ୍କୁଲରେ କନିଷ୍ଠ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ମନ୍ଦାକିନୀ ନାହାକଙ୍କୁ ୧୧ବର୍ଷ ପରେ ଜିଲାପାଳ ଚାକିରିରୁ ବହିଷ୍କୃତ କରିଛନ୍ତି। ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଥାନାରେ ଏତଲା ଦିଆଯାଇଛି। ଗିରଫ ଭୟରେ ବର୍ତ୍ତମାନ ଶିକ୍ଷୟିତ୍ରୀ ଜଣଙ୍କ ଫେରାର ହୋଇଯାଇଛନ୍ତି।

ପ୍ରକାଶ ଯେ, କବିସୂର୍ଯ୍ୟନଗର ଥାନା ଗଙ୍ଗାପୁର ଗ୍ରାମର ମିନ୍ଦାକିନୀ ନାହାକ ନେହେରୁ ବହୁମୁଖୀ ବିଦ୍ୟାପୀଠ ସରକାରୀ ହାଇସ୍କୁଲରେ ୨୦୧୨ରୁ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷୟତ୍ରୀ ଭାବେ ଚାକିରି କରୁଥିଲେ। ପରେ ରେଗୁଲାର ଶିକ୍ଷୟିତ୍ରୀ ମାନ୍ୟତା ପାଇଁ ସେ ଯୁକ୍ତ୨ ସାର୍ଟିଫିକେଟ ଏବଂ ମାର୍କସିଟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଥିଲେ। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟକୁ ଉକ୍ତ ସାର୍ଟିଫିକେଟ ଏବଂ ମାର୍କସିଟର ବୈଧତା ଯାଞ୍ଚ ପାଇଁ ସାନଖେମୁଣ୍ଡି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପଠାଯାଇଥିଲା। ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସହକାରୀ କଣ୍ଟ୍ରୋଲର ଯାଞ୍ଚ କଲା ବେଳେ ତାହା ନକଲି ବୋଲି ଜଣାପଡିଥିଲା। ଏନେଇ ଚିଠି ନଂ.୩୫୮୫ ତା ୧୯।୮।୨୩ରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଜଣାଇଥିଲେ। ସେହି ଦିନଠାରୁ ତାଙ୍କୁ ଚାକିରି ରୁ ବହିଷ୍କୃତ କରାଯିବା ନିମନ୍ତେ ଗଞ୍ଜାମ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲା ଶିକ୍ଷାଧିକାରୀ ତାଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୬୩୪ ତା. ୭।୯।୨୦୨୩ରେ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସାନଖେମୁଣ୍ଡି ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ଚୌଧୁରୀ ଏନେଇ ପାଟପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମାମଲା ନଂ.୪୭୦/୨୩ ଅନୁଯାୟୀ ଶିକ୍ଷୟତ୍ରୀଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ସବ୍ୟସାଚୀ ମଲ୍ଲ କହିଛନ୍ତି। ଅପରପକ୍ଷରେ କବିସୂର୍ଯ୍ୟନଗର ଥାନା ଗଙ୍ଗାପୁର ଗ୍ରାମର ଶିକ୍ଷୟତ୍ରୀ ଜଣକ ଗିରଫ ଭୟରେ ଫେରାର ଥିବା ପୋଲିସ କହିଛି।

### ନନ୍ଦଉତ୍ସବ, ମାତୃ ସମ୍ମିଳନୀ

ପାତ୍ରପୁର,୯।୯(ଉମା ଚରଣ ନେପାକ): ପାତ୍ରପୁର ବ୍ଲକ ତଣ୍ଡିପୁର ପଞ୍ଚାୟତ ଗୋବିନ୍ଦରାଜପୁରସ୍ଥିତ ସ୍ୱାମୀ ଚେତନାନନ୍ଦ ସାରସ୍ୱତ ବିଦ୍ୟାମନ୍ଦିରଠାରେ ନନ୍ଦ ଉତ୍ସବ ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡ. ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପାତ୍ରପୁର ବିଇଓ ମୁଖ୍ୟ ଅତିଥି, ପ୍ରତିଭା ମହାରଥି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଗମ୍ଭୀରାନନ୍ଦ ସରସ୍ୱତୀ, ବ୍ରହ୍ମାନନ୍ଦ ସରସ୍ୱତୀ, ସମ୍ପାଦକ ରାଘବ ସୁନ୍ଦର ପଣ୍ଡା ଓ ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ପାତ୍ରପୁର ସ୍ୱାମୀ ଶ୍ରୀନିଗମାନନ୍ଦ ଆଶ୍ରମରୋଡସ୍ଥିତ ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ନନ୍ଦ ଉତ୍ସବ ପାଳନ କରାଯାଇଛି । ବିଜୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ଅଶୋକ କୁମାର ପାଢୀ, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ସନ୍ଥ ସମାଜ ଆନ୍ଧ୍ର ପ୍ରଦେଶ ମୁଖ୍ୟ ଆନନ୍ଦ ଆଚାରୀ, ଶିକ୍ଷାବିତ୍ ସୁରେଶ ପଣ୍ଡା, ନର୍ମଦା ପାଠି ପ୍ରମୁଖ ମଞ୍ଚାସୀନ ଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗ ନେଇଥିବା କ୍ରୀଡ଼ାବିତ୍।

ଖଜୁରିପଡା,୯।୯(ବିଦୁର ବେହେରା)

ଖଜରିପଡା ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଶନିବାର ବ୍ଲକ ସ୍ତରୀୟ କ୍ରୀଡା ଆରମ୍ଭ ହୋଇଛି। ଏହି କ୍ରୀଡା ଉତ୍ସବକୁ ତହସିଲଦାର ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ ଯୋଗଦାନ କରିଥିଲେ। ଏଥିରେ ସମୁଦାୟ ୧୬ ବିଦ୍ୟାଳୟର ୧୮୫ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡାରେ ଅଂଶ ଗ୍ରହଣ କରିଛନ୍ତି। ହକି, ଭଲିବଲ, ବିଚ ଭଲିବଲ, ରଗବି, କ୍ରିକେଟ, ଏଥଲେଟିକ ବାସ୍କେଟବଲ, ଖୋଖୋ, କବାଡି, ଫୁଟବଲ, ବ୍ୟାଡ଼ମିଣ୍ଟନ, ଚେସ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା କ୍ରୀଡା ଶିକ୍ଷକ ରଙ୍କନିଧି ବେହେରା ସୂଚନା ଦେଇଛନ୍ତି। ବ୍ଲକ ସ୍ତରୀୟ କ୍ରୀଡା ସମାପ୍ତ ପରେ ଖଜୁରିପଡାଠାରେ ଆସନ୍ତା ୨୧ ତାରିଖରୁ ଦୁଇ ଦିନିଆ ଜିଲାସ୍ତରୀୟ କ୍ରୀଡା ହେବ ବୋଲି କ୍ରୀଡା ଶିକ୍ଷକ ବେହେରା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରାମଚନ୍ଦ୍ର ଦାସ, ରଜତ କୁମାର ପାଢ଼ୀ, ଦେବି ପ୍ରସାଦ ଦିଗାଲ, ଅରୂପ ବେହେରା, କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ଅନିର୍ଦ୍ଦିଷ୍ଟକାଳ ପାଇଁ ପ୍ରାଥମିକ ଶିକ୍ଷକଙ୍କ ଗଣଧାରଣା

ଦାରିଙ୍ଗବାଡ଼ି,୯।୯ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକମାନେ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଉକ୍ତ ବ୍ଲକ ଅଧୀନ ୨୫ ପଞ୍ଚାୟତର ବିଭିନ୍ନ ବର୍ଗର ଶିକ୍ଷକମାନେ ବିଭିନ୍ନ ଦାବି ନେଇ ଦୀର୍ଘ ଦିନ ଧରି ରାଜ୍ୟ ସରକାରଙ୍କ ନିକଟରେ ଫେରାଦ ହେବା ସହ ବାରମ୍ବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ହେଲେ ସରକାର ତାଙ୍କର ଦାବି ପୂରଣ ନ କରିବାରୁ ଶିକ୍ଷକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବିଗୁଡିକ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିୟମିତ କରିବା ସହ ଶିକ୍ଷକର୍ମୀ ଓ ଶିକ୍ଷା ସହାୟକମାନଙ୍କ ଠିକା କାର୍ଯ୍ୟକାଳକୁ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ପୂର୍ବକ ମୂଳ ଚାକିରିରେ ଗଣନା କରିବା ସହ

## ଶିକ୍ଷାଦାନରେ ବାଧାପ୍ରାପ୍ତ




ଧାରଣାରେ ବସିଥିବା ଶିକ୍ଷକମାନେ।

ଗଣଶିକ୍ଷକ, ଏକ୍ସ-କ୍ୟାଡର ଶିକ୍ଷକ, କଳା ଓ କ୍ରୀଡା ଶିକ୍ଷକମାନଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରିବା ଆଦି ଦାବି କରିଛନ୍ତି। ଏହି ଗଣଧାରଣାରେ ଦାରିଙ୍ଗବାଡି ଶିକ୍ଷକ ସଙ୍ଘର ସଭାପତି ଯାମିନୀକାନ୍ତ ପତ୍ରା, ସମ୍ପାଦକ ସଂଗ୍ରାମ କୁମାର ନାୟକ, ଉପସଭାପତି ଚାରୁଶିଳା ମଳିକ, ସହ ସମ୍ପାଦକ ନବୀନ ଚନ୍ଦ୍ର ସାହୁ, ରମାକାନ୍ତ ଦିଗାଲ, ରମେଶ ପ୍ରଧାନ, ମୋହନ ସାହୁ, ଏକ୍ସ-କ୍ୟାଡର ସଙ୍ଘ ସଭାପତି ଆଶୁତୋଷ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଶିକ୍ଷକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସୋମବାରଠାରୁ ଆନ୍ଦୋଳନ ତୀବ୍ରତାର ହେବ ବୋଲି ଶିକ୍ଷକ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

### ମାଟି, ମୋରମ ଚୋରି ଅଭିଯୋଗ

ଗଞ୍ଜାମ,୯।୯(ବିଦ୍ୟାଧର ସାହୁ)

ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ଗଞ୍ଜାମ ସହରର ବିଭିନ୍ନ ୱାର୍ଡର ଉନ୍ନତିକରଣ କାର୍ଯ୍ୟ ଚାଲିଛି। ସାହିଗୁଡିକୁ ସଂଯୋଗ ଥିବା ବିଭିନ୍ନ ରାସ୍ତା ମରାମତି କାର୍ଯ୍ୟ ଜାରୀ ରହିଛି। ରାସ୍ତା ପାର୍ଶ୍ୱରୁ ମାଟି ଖୋଳା ଯାଇ ସେଠାରେ ପେବର ବ୍ଲକ ପକାଯାଉଛି। ସେଠାରୁ ବାହାରୁ ଥିବା ମାଟି ଓ ମରମକୁ କିଛି ଅସାଧୁ ବ୍ୟକ୍ତି ଟ୍ରିପ ପିଛା ୭ ଶହରୁ ୮ ଶହ ଟଙ୍କାରେ ପ୍ରାଇଭେଟରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଜନ୍ମାଷ୍ଟମୀ, ଦ୍ୱିତୀୟ ଶନିବାର ଓ ରବିବାର ତିନି ଦିନ ସରକାରୀ କାର୍ଯ୍ୟାଳୟ ତଥା ଏନ୍‌ଏସି ଓ ତହସିଲ ଅଫିସ ଛୁଟି ଥିବାରୁ ଅସାଧୁ ବ୍ୟକ୍ତି ମାନେ ଏହାର ଫାଇଦା ଉଠାଇବା ସହ ମାଟି ମୋରମ ଚୋରି କରିଥିବା ସ୍ଥାନୀୟବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏନ୍‌ଏସି ଇଓ ଅବିନାଶ ମିଶ୍ରଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବପର ହୋଇ ପାରିନାହିଁ।

## ଜିଲାସ୍ତରୀୟ ଭଲିବଲ ଚାମ୍ପିୟନଶିପ

ପାରଳାଖେମୁଣ୍ଡି, ୯।୯(ଗିରିଧାରୀ ପରିଛା):

ଗଜପତି ଜିଲାସ୍ତରୀୟ ଭଲିବଲ ଚାମ୍ପିୟନଶିପ ସ୍ଥାନୀୟ ନୀଳମଣି ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମନୋଜରଞ୍ଜନ ଦଳାଇ ଯୋଗଦେଇ ପ୍ରତିଯୋଗିତ୍ରା ଆରମ୍ଭ କରିଥିଲେ। ଏଥିରେ ଜିଲାର ସମସ୍ତ ୭ଟି ବ୍ଲକରୁ ଉଭୟ ୧୪ବର୍ଷ ବାଳିକା ଓ ୧୭ବର୍ଷ ବାଳକ ଓ ବାଳିକା ଦଳ ଭାଗ ନେଇଥିଲେ। ଉଦଘାଟନ ଉତ୍ସବରେ ରାୟଗଡ଼ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ ଏବଂ ଅନ୍ତର୍ଯ୍ୟାମୀ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ସଦସ୍ୟା ଗୌତମୀ ଜାନୀ, ପି. ପାପା ରାଓ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ୧୪ ବର୍ଷରୁ କମ୍ ବାଳକ ବିଭାଗରେ ରାୟଗଡ଼ ଚାମ୍ପିୟନ ହୋଇଥିବା ବେଳେ ଆର.ଉଦୟଗିରି ରନର୍ସଅପ୍ ହୋଇଛି। ସେହିପରି ୧୭ବର୍ଷୀୟ ବାଳକ ବିଭାଗରେ ଆର.ଉଦୟଗିରି ଚାମ୍ପିୟନ୍ସ ହୋଇ ଥିବାବେଳେ ନୂଆଗଡ ରନର୍ସଅପ୍ ହୋଇଛି। ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକ ସୁରେନ୍ଦ୍ର ପାତ୍ର ବିଜେତା ଦଳକୁ ଟ୍ରଫି ଦେଇଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ଲିଙ୍ଗରାଜ ସାହୁ, ସନ୍ତୋଷ ପ୍ରସାଦ ପଣ୍ଡା, ଧିରେନ୍ଦ୍ର କୁମାର ସାମଲ, ରେଖାରାଣୀ ଦେଓ, ନାରାୟଣ ସାହୁ, କିଶୋର ସାମଲ, ଅଭିନ୍ନ ବାସୁଦେବ ମିଶ୍ର, ଅମ୍ବିକା ସେଠୀ ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ପ୍ରିୟଦର୍ଶୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ପି. ମେନକା ରାଓ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

କାଶୀନଗର,୯।୯(ଟି. କ୍ରିଷ୍ଣା ରାଓ)

କାଶୀନଗରର କେତେକ ବ୍ୟକ୍ତିଙ୍କ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡିଙ୍କ ଜରିଆରେ ଗଜପତି ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କାଶୀନଗରରେ ସ୍ଥାୟୀ ବସଷ୍ଟାଣ୍ଡ ନ ଥିବାରୁ ସ୍ଥାନୀୟ ବାସିନ୍ଦା ଓ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା, ଭୂମିହୀନ ଆଦିବାସୀ, ଦଳିତ ଓ ଗରିବ ଲୋକଙ୍କୁ ଜମିପଟ୍ଟା ମିଳି ନ ଥିବା, ଆଗରୁ କାଶୀନଗରରେ ମୃତଦେହ ବ୍ୟବଚ୍ଛେଦ କରଯାଉଥିବା ବେଳେ ଗତ ୨୦ ବର୍ଷ ଧରି ଉକ୍ତ ଗୃହ ନଥିବାରୁ ଆବଶ୍ୟକ ସ୍ଥଳେ ପାରଳାଖେମୁଣ୍ଡି ଯିବାକୁ ପଡୁଥିବା, ଶିକ୍ଷା ବ୍ୟବସ୍ଥା ଦୟନୀୟ ହୋଇପହଇଥିବା ନେଇ ସ୍ମାରକପତ୍ରରେ ଉଲ୍ଲେଖ କରାଯିବା ସହ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ରଖାଯାଇଛି ବୋଲି ଭି . ଚଲପତି ରାଓ ସୂଚନା ଦେଇଛନ୍ତି ।

# ତାଲୁକା ଆଇନ ସେବା କମିଟିରେ ୧୩୭ ମାମଲା ଫଇସଲା

ଭଞ୍ଜନଗର, ୯।୯(ବାବୁଲା ପ୍ରଧାନ)

ତାଲୁକା ଆଇନ ସେବା କମିଟି ଭଞ୍ଜନଗର ପକ୍ଷରୁ ଶନିବାର ତୃତୀୟ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୩୭ ମାମଲାର ଫଇସଲା କରାଯାଇଛି। ସେଥିମଧ୍ୟରେ ବୀମା ସମ୍ପର୍କିତ ୧୫ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୭୦ ଲକ୍ଷ ୭୦ ହଜାର ଟଙ୍କା ହିତାଧିକାରୀଙ୍କୁ ଦେବା ପାଇଁ ବୀମା କମ୍ପାନୀ ଗୁଡିକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ ସମ୍ପର୍କିତ ୧୭ ମାମଲା ଫଇସଲା କରାଯାଇ ୩୫ ଲକ୍ଷ ୭୧ ହଜାର ୨୫୧ ଟଙ୍କା ବକେୟା ଆଦାୟ କରାଯାଇଛି। ଏଥିସହ ଅନ୍ୟାନ୍ୟ ମାମଲା ମଧ ଫଇସଲା କରାଯାଇଛି। ଭଞ୍ଜନଗର ଅତିରିକ୍ତ ଜିଲା ଜଜ୍ ତଥା ତାଲୁକା ଆଇନ ସେବା କମିଟି ଅଧକ୍ଷ ଦେବଦତ୍ତ ପଟ୍ଟନାୟକ, ସବ ଜଜ୍



ମାମଲା ଗୁଡିକର ଫଇସଲା ଚାଲିଛି।

ସୋମାଲୀନା ମିଶ୍ର, ଏସ୍‌ଡିଜେଏମ ଅମିତ କୁମାର, ଜେଏମ୍‌ଏଫସି ସନ୍ଧ୍ୟା ସୁଚରିତା ମାମଲା ଗୁଡିକୁ ଫଇସଲା କରିଥିଲେ। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ. ପୂର୍ଣ୍ଣଚନ୍ଦ୍ର ତ୍ରୀପାଠୀ, ସୋମନାଥ ନାୟକ, ତାଲୁକା ଆଇନ ସେବା କମିଟି ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ବାର୍ ଆସୋସିଏଶନ ସଭାପତି ଅଭିମନ୍ୟୁ ଗଉଡ, ଉପସଭାପତି ରଜତ ଦାସ, ସହ ସମ୍ପାଦକ ଚନ୍ଦ୍ରମଣି ମହାପାତ୍ର, ଆଇନଜୀବୀ ସନ୍ତୋଷ କୁମାର ତିଆଡି, ବଂଶୀଧର ପ୍ରଧାନ, ସନ୍ତୋଷ ନାୟକ ପ୍ରମୁଖ ସହଯୋଗ କରିଥିଲେ। କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନିଲ ମୁଦୁଲି, ଅଞ୍ଜନ ଦାସ, ଟିବି ପଟ୍ଟନାୟକ, ରାକେଶ ନାୟକ, ପବିତ୍ର ପ୍ରଧାନ, ଗୋପିନାଥ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### କୋଦଳାରେ ଜଳିଲା ଷ୍ଟ୍ରିଟ୍ ଲାଇଟ

କୋଦଳା ୯।୯
(ଅମିତ କୁମାର ପଟ୍ଟନାୟକ):

କୋଦଳା ଏନଏସି ଗତ ତିନିଦିନ ହେଲା ଷ୍ଟ୍ରିଟ ଲାଇଟ ଜଳୁନଥିବା ନେଇ ଧରିତ୍ରୀରେ ପ୍ରସାରଣ ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଏନଏସି ଦାୟିତ୍ୱରେ ଥିବା ଖଲିକୋଟ କନିଷ୍ଠ ଯନ୍ତ୍ରୀ ଅଭିନାଶ ମଲିକ ଏହି ଘଟଣାକୁ ଗୁରୁତର ସହ ନେଇ ଶନିବାର ସମସ୍ତ ସାହି ଏବଂ ବସ୍‌ଷ୍ଟାଣ୍ଡରେ ଷ୍ଟ୍ରିଟଲାଇଟ ସଜାଡିଛନ୍ତି। ନିଜ କର୍ମଚାରୀଙ୍କୁ ନେଇ ତୁରନ୍ତ ସଜାଡୁଥିବା ଦେଖିବାକୁ ମିଳିଛି। ଏନଏସି କିଛି ବର୍ଷ ହେଲା ସ୍ଥାୟୀ ବିଦ୍ୟୁତ କର୍ମଚାରୀ ନଥିବା ବେଳେ କନିଷ୍ଠ ଯନ୍ତ୍ରୀ ୫ଟି ଏନଏସି ଦାୟିତ୍ୱରେ ରହିଥିବାରୁ ସଠିକ ସୂଚନା ମିଳୁପାରୁନଥିବା ଜଣାପଡିଛି।

## ବଜ୍ରପାତରେ ୬ ଗୋରୁ ମୃତ

ମୋହନା,୯।୯(ମନ୍ମଥ ମିଶ୍ର)

ବଜ୍ରପାତରେ ୪ ଟି ବଳଦ ୨ଟି ଗାଈଙ୍କର ମୃତ୍ୟୁ ହୋଇଛି। ମୋହନା ବ୍ଲକ ଚୁଡ଼ଙ୍ଗପୁର ପଞ୍ଚାୟତ ଅଧିନସ୍ଥ ବଦାକୁଆ ଗ୍ରାମରେ ଶନିବାର ୪ ଜଣ ବ୍ୟକ୍ତି ଡାଙ୍ଗଡ଼ା ଘାଟି ପାହାଡ଼କୁ ନେଇ ଗୋରୁ ଚରାଉଥିଲେ। ମଧାହ୍ନରେ ଘଡ଼ଘଡ଼ିସହ ବର୍ଷା ହୋଇଥିଲା। ତେନ୍ତୁଳି ଗଛ ମୂଳେ ୪ଟି ବଳଦ ଓ ୨ଟି ଗାଈ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସହକାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଶୁଭଙ୍କର ସାହୁ ଘଟଣା ସ୍ଥଳକୁ ପହଞ୍ଚି ମୃତଦେହ ବ୍ୟବଛେଦ କରିଥିଲେ।

# ମାଦା ପଙ୍ଗା ନଦୀରେ କାଠପୋଲ ତିଆରି କଲେ ଗ୍ରାମବାସୀ

ଫିରିଙ୍ଗିଆ ୯।୯(ବିକ୍ରମ ଦିଗାଲ)

ସ୍ୱାଧୀନତାର ଦୀର୍ଘ ବର୍ଷ ପରେବି ମୌଳିକ ସୁବିଧାରୁ ବଞ୍ଚିତ ଉପାନ୍ତ ଅଞ୍ଚଳବାସୀ । କେଉଁଠି ରାସ୍ତା ଘାଟ ନାହିଁ ତ କେଉଁଠି ପୋଲ ନାହିଁ, ଶିକ୍ଷା ସ୍ୱାସ୍ଥ୍ୟ ଗମନା ଗମନ ଭଳି ସମସ୍ୟାରେ ଦିନ କାଟୁଛନ୍ତି ଉପାନ୍ତ ଅଞ୍ଚଳ ବାସୀ । ଏହା ଦେଖିବାକୁ ମିଳିଛି ଉପର ପାଙ୍ଗା ପଞ୍ଚାୟତର ମାଦା ପଙ୍ଗା ନଦୀରେ। ଏହି ନଦୀରେ ଆଜି ପର୍ଯ୍ୟନ୍ତ ବି ପୋଲ ଖଣ୍ଡିଏ ନିର୍ମାଣ ହୋଇ ପାରି ନଥିବାରୁ ଲୋକମାନେ ବର୍ଷ ତମାମ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ପାଙ୍ଗା ଉପର ସାହି ପଞ୍ଚାୟତର ମୁଖ୍ୟ ପିଚୁ ରାସ୍ତା ଠାରୁ ଏହି ନଦୀ ପର୍ଯ୍ୟନ୍ତ ୪ କିଲୋ ମିଟର ଯିବାକୁ ପଡୁଥିବା ବେଳେ ପଦର ସାହି, ସାନ୍ଦ୍ରା ପାଙ୍ଗା ଓ ନଦୀ ଆର ପଟେ ମାଦା ପାଙ୍ଗା, ଶ୍ରହା ପଲି ପାଙ୍ଗା,



ନଦୀ ଉପରେ ତିଆରି ହୋଇଥିବା କାଠପୋଲ।

ଡେଡି ସରୁ ଓ ଅନେକ ଗାଁ ରହିଛି। ଡିମିରିଗୁଡା ପଞ୍ଚାୟତର ଟାମଟଙ୍ଗିଆ ଗାଁ ଦେଇ ଡିମିରି ଗୁଡା ପାଞ୍ଚ ଛକ ପର୍ଯ୍ୟନ୍ତ ରାସ୍ତା ଆସିଛି। ଏହି ରାସ୍ତା ଦେଇ ପ୍ରାୟ ୮ ରୁ ୧୦ ଖଣ୍ଡ ଗାଁର ଲୋକେ ଯାତାୟାତ କରୁଛନ୍ତି । ଅଞ୍ଚଳରେ ଯାତାୟତ ପାଇଁ ରାସ୍ତା ଖଣ୍ଡିଏ ନ ଥିବା ବେଳେ ଚଲା ରାସ୍ତାର ମଝିରେ ମାଦା ପାଙ୍ଗା ନିକଟରେ ଏକ ନଦୀ ଯାତାୟାତ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି । ଏହି ପରିସ୍ଥିତିରେ ଯାତାୟାତ ସୁବିଧା ପାଇଁ ଏହି ପାଖା ପାଖି ଗାଁର ପ୍ରାୟ ୪୫ରୁ ଊର୍ଦ୍ଧ୍ୱ ଘରର ଯୁବକମାନେ ନିଜ ଖର୍ଚ୍ଚରେ କାଠ ପୋଲ ତିଆରି କରିଛନ୍ତି । ଏହି ପୋଲ ତିଆରି ପାଇଁ ଦୀର୍ଘ ୧୫ ଦିନରୁ ଅଧିକ ସମୟ ଲାଗିଥିଲା। କାଠ ପୋଲ ନିର୍ମାଣରେ ଜଗନ୍ନାଥ କହଁର, ବିଭୀଷଣ କହଁର, ପ୍ରଶାନ୍ତ କହଁର ଲଳିତ କହଁର, ସନ୍ତୋଷ କହଁର ଚୈତନ କହଁର, ରମେଶ କହଁର ଦିନାରସିଂ କହଁର ପୋଲ ନିର୍ମାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ଅନ୍ୟମାନେ ସହଯୋଗ କରିଛନ୍ତି । ଅନ୍ୟ ପଟେ ଉପର ପାଙ୍ଗା ପଞ୍ଚାୟତଠାରୁ ଏହି ପୋଲ ଦେଇ ଯିବାକୁ ପଡୁଥିବା ରାସ୍ତା ନିର୍ମାଣ ସହ ପୋଲ ନିର୍ମାଣ କରିବାକୁ ପ୍ରଶାସନକୁ ଦାବି କରିଛନ୍ତି ଅଞ୍ଚଳ ବାସୀ।

# ଆସୁଛି ପାର୍ବଣ, ମୂର୍ତ୍ତି ତିଆରିରେ ନିମଗ୍ନ କାରିଗର

ବୁଗୁଡ଼ା,୯।୯(କାଳି ଚରଣ ଦାଶ)

ପାର୍ବଣର ଋତୁ ପାଖେଇ ଆସିଲାଣି। ସେଥିପାଇଁ ବୁଗୁଡ଼ା ଅଞ୍ଚଳର ମୂର୍ତ୍ତି କାରିଗରମାନେ ମୂର୍ତ୍ତି ଗଢ଼ାରେ ମାତି ଗଲେଣି। ଆଉ କିଛି ଦିନର ବ୍ୟବଧାନ ପରେ ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା ପଡୁଥିବାରୁ କାରିଗରମାନେ ମୂର୍ତ୍ତିରେ ନଡ଼ା ବିଡ଼ାଠାରୁ ଆରମ୍ଭ କରି ମାଟି ପ୍ରଲେପ କାର୍ଯ୍ୟ ଜୋରସୋରରେ ଜାରି ରଖୁଛନ୍ତି। ବୁଗୁଡ଼ା ଅଞ୍ଚଳର ବୟୋଜ୍ୟେଷ୍ଠ ତଥା ଅଭିଜ୍ଞ ମୂର୍ତ୍ତି କାରିଗର ଗୋବିନ୍ଦ ବେହେରାଙ୍କ ସମେତ ରବୀନ୍ଦ୍ର ବେହେରା, କୈଳାସ ବେହେରା, ଝୁନା ବେହେରା, ସୋନୁ ବେହେରା, ବିଶ୍ୱନାଥ ବେହେରା, ପ୍ରମୋଦ ବେହେରା, ଲିଟୁ ନାୟକ, ଟୁଟୁ ବେହେରା, ଝୁନୁଲତା ବେହେରା, ନିମେଇଁ ଚରଣ ବିଷୋୟୀ, ତାରାପ୍ରସାଦ ଭୂୟାଁ, ଭଗବାନ ବେହେରା, ବାବୁ ଦୋରା, ଚିତ୍ତ ରଞ୍ଜନ ସାହୁ, କୃଷ୍ଣ ନାୟକ ପ୍ରମୁଖ ନିଜ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ବୁଗୁଡା ଏବଂ ଆଖପାଖ ଅଞ୍ଚଳରେ ସେମାନଙ୍କ ହାତଗଢ଼ା ମୂର୍ତ୍ତିର ବେଶ୍ ଚାହିଦା ରହିଛି।



ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ କାରିଗର।

ମୂର୍ତ୍ତି ନିମନ୍ତେ ଲୋକଙ୍କ ଶ୍ରଦ୍ଧା ଓ ପ୍ରଶଂସାର ଦୁଇପଦ ଶୁଣିଲେ କାରିଗରମାନେ ନିଜର କଳାକୁ ଅଧିକ ଜୀବନ୍ତ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ବୁଗୁଡା ଏନ୍‌ଏସିର କୁମ୍ଭାର ସାହି ଏବଂ ବ୍ଲକର ଗୋଳିଆ, ବାଦୁଆ ଓ ପଙ୍କଳବାଡି ଆଦି ଗ୍ରାମରେ ଗଢ଼ା ଯାଉଥିବା ମୂର୍ତ୍ତି ବିଭିନ୍ନ ଅଞ୍ଚଳକୁ ପଠାଯାଇଥାଏ। ତେବେ ଏଇ କିଛି ବର୍ଷ ହେଲା ଚିକିଟା ମାଟିର ଅଭାବ ମୂର୍ତ୍ତି ଗଢ଼ାରେ ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଚିକିଟା ମାଟିକୁ ଚିକ୍କଣ କରିବା ପାଇଁ କୌଣସି ମିଶ୍ରଣ ଯନ୍ତ୍ର ବାହାରି ନାହିଁ। ଯନ୍ତ୍ର ବାହାରି ଥିଲେ ଅଳ୍ପ ସମୟ ମଧ୍ୟରେ ଅଧିକ ମୂର୍ତ୍ତି ଗଢ଼ାଯାଇ ପାରିବା ସହ ମୂର୍ତ୍ତିଗୁଡ଼ିକ ଅଧିକ ଜୀବନ୍ତ ହୋଇପାରିଥାନ୍ତି ବୋଲି କାରିଗର ଗୋଷ୍ଠୀ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜରିବାଙ୍କ ସରକାରୀ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଅଭାବ

ସିଂହପୁର,୯।୯(ଅନଙ୍ଗ ଉଦୟ ବେହୁରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତ ଜରି ବାଙ୍କ ସରକାରୀ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି। ଏଥିପାଇଁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ସେହିପରି ଏଠାରେ ଶ୍ରେଣୀଗୃହର ଅଭାବ ରହିଛି। ଏହି ବିଦ୍ୟାଳୟ ୧୯୬୭ରେ ପ୍ରତିଷ୍ଠା ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ଏଠାରେ ୮ ଶ୍ରେଣୀ ପାଇଁ ଦୁଇ ଶିକ୍ଷକ ଓ ପ୍ରଧାନଶିକ୍ଷକ ରହିଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ୧୬୭ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ପାଇଁ ଦୁଇଟି ଗୃହ ଥିବାବେଳେ ଅନ୍ୟ ଦୁଇଟି ବିପଦସଙ୍କୁଳ ହୋଇପଡ଼ିଛି। ଶିକ୍ଷକ ଓ ଗୃହ ଅଭାବ ସମ୍ପର୍କରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ଅବଗତ କରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ପାରିନାହିଁ। ଫଳରେ ଏହାକୁ ନେଇ ଅଭିଭାବକ ଆଶନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ବିଦ୍ୟାଳୟରେ ଥିବା ସମସ୍ୟା ଦୂର କରିବାକୁ ଜିଲାପାଳଙ୍କ ନିକଟରେ ଅଭିଭାବକ ଦାବି କରିଛନ୍ତି।

### ଥାନା ଡ୍ରାଇଭରଙ୍କୁ ମାଡ଼, ଜଣେ ଗିରଫ

ବାସୁଦେବପୁର, ୯।୯(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଥାନା ପୋଲିସ ଗାଡ଼ି ଡ୍ରାଇଭର ମନୋଜ କୁମାର ବାରିକଙ୍କୁ କାର୍ଯ୍ୟରତ ଅବସ୍ଥାରେ ମାଡ଼ ମାରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଶନିବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ନାୟକାଣିଡିହୀ ଥାନା ଅଧୀନ ଲକ୍ଷ୍ମୀପ୍ରସାଦ ଗ୍ରାମର ରାଜାରାମ ମଳିକ। ଗତ ଗୁରୁବାର ବିଳମ୍ବିତ ରାତିରେ ବାସୁଦେବପୁର ଥାନା ଗାଡ଼ି ଭଦ୍ରକରୁ ବାସୁଦେବପୁର ଥାନା ଅଭିମୁଖେ ଫେରୁଥିଲା। କପାଗଡ଼ିଆ ଛକଠାରେ ରାଜାରାମ ଅନ୍ୟ ଏକ ଗାଡ଼ିରେ ଆସୁଥିବା ବେଳେ ଗାଡ଼ିର ଡିପର ମାରିବା ଘଟଣାକୁ ନେଇ ମନୋଜଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଜାରାମ ଉତ୍ତେଜିତ ହୋଇ ମନୋଜଙ୍କୁ ମାଡ଼ ମାରିବା ସହ ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ମନୋଜଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ମାମଲା (ନଂ.୫୧୧/୨୩) ରୁଜୁ ହୋଇଛି।

### ଘାସ ବିଷ ଖାଇ ନବମ ଶ୍ରେଣୀ ଛାତ୍ରୀ ମୃତ

ସୋର, ୯।୯(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକ ସରଶଂଖ ପଞ୍ଚାୟତ ବଳଦିଆ ଗ୍ରାମର ଜଣେ ନବମ ଶ୍ରେଣୀ ଛାତ୍ରୀ ଘାସ ବିଷ ଖାଇ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ୮ ଦିନ ତଳେ କୌଣସି କାରଣରୁ ଘରେ ଥିବା ଘାସ ବିଷ ଖାଇ ଦେବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ସଂକଟାପନ୍ନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି।

# ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା

**ମଧୁପୁର ସରକାରୀ ରୂପାନ୍ତର ଉଚ୍ଚ ବିଦ୍ୟାଳୟ**

■ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ରିପୋର୍ଟ ତଲବ

ରସୁଲପୁର,୯।୯(ରଞ୍ଜିତ ରାଉତ):




ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁପୁର ସରକାରୀ ରୂପାନ୍ତର ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା ହୋଇଛି। ଏନେଇ କୋର୍ଟରେ ମାମଲା ରୁଜୁ ହେବାପରେ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପ୍ରଧାନଶିକ୍ଷକଙ୍କୁ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି। ୩ଦିନ ଭିତରେ କମିଟି ଗଠନରେ ବ୍ୟବହୃତ କାଗଜାତ୍‌କୁ ତଦନ୍ତ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ସେ ପର୍ଯ୍ୟନ୍ତ କମିଟିର କ୍ଷମତାକୁ ନିଷିଦ୍ଧ କରାଯାଇଛି। ପ୍ରଧାନଶିକ୍ଷକ ନିର୍ଦ୍ଧାରିତ ଅବଧି ମଧ୍ୟରେ ରିପୋର୍ଟ ଦାଖଲ କରି ନ ପାରିଲେ ପ୍ରତିପକ୍ଷଙ୍କ ଅଭିଯୋଗକୁ ସତ୍ୟବୋଲି ଧରି ନିଆଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି।

ଅଭିଯୋଗ ମୁତାବକ, ଚଳିତବର୍ଷ ଜାନୁୟାରୀ ୧୦ ତାରିଖରେ ବିଦ୍ୟାଳୟ ପରିଚାଳନା କମିଟି(ଏସ୍‌ଏମ୍‌ସି) ଗଠନ କରାଯାଇଥିଲା। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ହେଲେ କମିଟି ଗଠନ ଦିବସରେ ଆବଶ୍ୟକ ସଦସ୍ୟ ଉପସ୍ଥିତ ନ ଥିଲେ। କମିଟି ଗଠନବେଳେ ଥିବା ନିୟମକୁ ପ୍ରଧାନଶିକ୍ଷକ ଅଣଦେଖା କରିଥିଲେ। କମିଟି ଗଠନ ପ୍ରକ୍ରିୟାରେ ଅଣ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଶିକ୍ଷକ-ଅଭିଭାବକ କମିଟିରେ ପିଲାଙ୍କ ମା'ବାପା ସଦସ୍ୟ ରୁହନ୍ତି। ସଭାପତି ଚୟନ ବେଳେ ସେମାନଙ୍କ ମଧ୍ୟରୁ ଜଣେ ଅଭିଭାବକଙ୍କୁ ଭୋଟ ଦେବା କ୍ଷମତା ମିଳିପାରିବ। ମାତ୍ର ସେ ନିୟମକୁ ଉଲ୍ଲଂଘନକରି ମା'ବାପା ଉଭୟ ଭୋଟ ଦେଇଥିବା ଭଳି କେତେକ ଅସାଧୁ ଉପାୟ ଅବଲମ୍ବନ କରାଯାଇ କମିଟି ଗଠନ କରାଯାଇଥିବା ଅଭିଯୋଗ କରି ଅଭିଭାବକ ଦେବବ୍ରତ ସାହୁ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିଥିଲେ।

ଉକ୍ତ ପିଟସିନକୁ ବିଚାରକୁ ନେଇ କୋର୍ଟ ପକ୍ଷରୁ ୧୧ ଏପ୍ରିଲ,୨୦୨୩ରେ ମାମଲାର ତଦନ୍ତ ଦାୟିତ୍ୱ ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ତେଣୁ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଚଳତି ମାସ ୭ତାରିଖରେ କମିଟି ଗଠନବେଳେ ବ୍ୟବହୃତ ରେଜିଷ୍ଟରଗୁଡ଼ିକୁ ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଦାଖଲ କରିବାକୁ ପ୍ରଧାନଶିକ୍ଷକଙ୍କୁ ନୋଟିସ ହୋଇଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ କୁଶମଣି ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ମାମଲାକୁ ନେଇ ସେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଗତ ୭ ତାରିଖରେ ହ୍ୱାଟସ୍‌ଆପ ଜରିଆରେ ଚିଠି ଗ୍ରହଣ କରିଛନ୍ତି। ହେଲେ ତାହାକୁ ପଢ଼ିନାହାନ୍ତି। ଯଦି ୩ଦିନ ଭିତରେ ରିପୋର୍ଟ ଦେବାକୁ ଲେଖାଅଛି, ତେବେ ସେ ସୋମବାର ରିପୋର୍ଟ ଦାଖଲ କରିବେ ବୋଲି ମତ ରଖିଛନ୍ତି।

# ଯାଜପୁର ଜିଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ




ରାଷ୍ଟ୍ରୀୟ ଲୋକ ଅଦାଲତରେ ମକଦ୍ଦମାର ବିଚାର ଚାଲିଛି।

ଯାଜପୁର ଟାଉନ,୯।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୭୭୨୭ ମକର୍ଦ୍ଦମା ଫଇସଲା ହୋଇଛି। ସେଥି ମଧ୍ୟରୁ ୨୪୯ ଫୌଜଦାରୀ, ୪୪ ମୋଟର ଦୁର୍ଘଟଣା ଜନିତ, ୮୯ ଦେୱାନୀ, ୨୦ ପାରିବାରିକ କଳହ ମକଦ୍ଦମା ଫଇସଲା କରାଯାଇ ମୋଟ ୬ ଲକ୍ଷ ୫୪ ହଜାର ୨୫ ଟଙ୍କା ଆଦାୟ କରାଯାଇଛି। ୭୩୨୪ ରାଜସ୍ୱ ମାମଲା ଫଇସଲା କରାଯାଇ ୨୦,୧୨,୮୪୩ ଟଙ୍କା ଆଦାୟ କରାଯାଇଛି। ଶ୍ରମ ବିଭାଗର ଗୋଟିଏ ବିବାଦ ଫଇସଲା କରାଯାଇ ୬୦,୦୦୦ ଟଙ୍କା ଆଦାୟ କରାଯାଇଛି। ବିଭିନ୍ନ ବ୍ୟାଙ୍କର ମୋଟ୍ ୧୦୭ ପ୍ରାକ୍ ବିଚାରାଧୀନ ମାମଲା ଫଇସଲା କରାଯାଇ ୨୪,୯୫,୩୮୫ ଟଙ୍କା ଆଦାୟ କରାଯାଇଛି। ୪ ଟେଲିଫୋନ ସମ୍ବନ୍ଧୀୟ ପ୍ରାକ ବିଚାରାଧୀନ ମାମଲା ଫଇସଲା କରାଯାଇ ୬,୯୫୫ ଟଙ୍କା ଆଦାୟ କରାଯାଇଛି। ଲୋକ ଅଦାଲତକୁ ଜିଲା ଓ ଦୌରାଜଜ୍ ଦାମୋଦର ରଥ ଉଦ୍‌ଘାଟନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟକାରୀ ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିଲେ। ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଜିଲାଜଜ୍ ସୁନୀଲ କୁମାର ଦାସ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୃଷୀକେଶ ସାହୁ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, ବରିଷ୍ଠ ଦୈୱାନୀ ବିଚାରପତି ପ୍ରସନ୍ନ କୁମାର ବେହେରା, ବରିଷ୍ଠ ଦୈୱାନୀ(ଏଲ୍‌ଆର ଏବଂ ଏଲ୍‌ଟିଭି) ବିଚାରପତି ଦୁର୍ବାଶା ଦୁର୍ଗା, ଏସ୍‌ଡିଜେଏମ୍ ଇଫସିତା ନନ୍ଦ ଓ ଦେୱାନୀ ବିଚାରପତି ପାରସ ପାଢୀ ଅଂଶଗ୍ରହଣ କରି ବିଭିନ୍ନ ମକର୍ଦ୍ଦମା ଫଇସଲା କରିଥିଲେ।

# କଳିଙ୍ଗନଗର ରୋଟାରି କ୍ଲବର ଅଧିଷ୍ଠାନ ଉତ୍ସବ



ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ଦେବାଶିଷ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଯାଜପୁରରୋଡ୍,୯।୯ (ପବିତ୍ର ରଞ୍ଜନ ମହାନ୍ତି):

**ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ସୂଚେତା ମିଶ୍ର, ଦେବବ୍ରତ ପାଢ଼ୀ ଓ ଦେବାଶିଷ ଆଚାର୍ଯ୍ୟ ସମ୍ବର୍ଦ୍ଧିତ**

କଳିଙ୍ଗନଗର ରୋଟାରି କ୍ଲବ୍‌ର ୧୦ମ ଅଧିଷ୍ଠାନ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ବ୍ୟାସନଗରସ୍ଥିତ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୨-୨୩ର ସଭାପତି ରୋଟାରିଆନ ଶିବାନନ୍ଦ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡିଜିଏନ୍ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଏଜି ଅକ୍ଷୟ କୁମାର ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡ. ଦେବସ୍ମିତା ସାହୁ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ରୋଟାରିଆନ ମନୋଜ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ରୋଟାରିଆନ ପ୍ରଶାନ୍ତ କୁମାର ପରିଡ଼ାଙ୍କୁ ୨୩-୨୪ ବର୍ଷର ସଭାପତି ଭାବେ ଦାୟିତ୍ୱ ଦିଆଯାଇ ଶପଥପାଠ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୩-୨୪ବର୍ଷ ପାଇଁ ନୂତନ ସମ୍ପାଦକଭାବେ ରୋଟାରିଆନ ମନୋଜ କୁମାର ବାରିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବିଜୟ କୁମାର ଶତପଥୀଙ୍କୁ ନୂତନ ସଭ୍ୟଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ କୋରେଇ ନିର୍ବାଚନମଣ୍ଡଳୀରେ ଚଳିତ ବର୍ଷ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସୂଚେତା ମିଶ୍ର, ଦେବବ୍ରତ ପାଢ଼ୀ, ଦେବାଶିଷ ଆଚାର୍ଯ୍ୟ, ସାମାଜିକ କର୍ମୀ ଜିତେନ୍ଦ୍ର ରାଉତ, ମନୋଜ ପରିଡ଼ା ଓ ବ୍ୟବସାୟୀ ତନ୍ମୟ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ରୋଟାରିଆନ ମହେନ୍ଦ୍ର ପଣ୍ଡାଙ୍କ ଝିଅ ରୋଶନୀ ପଣ୍ଡା ନୃତ୍ୟ ପରିବେଷଣ କରିଥିଲେ। ପ୍ରାକ୍ତନ ସଭାପତି ଶିବାନନ୍ଦ ନାୟକ, ରୋଟାରିଆନ ସୁଦୀପ କୁମାର ମିଶ୍ର, ସୁଶାନ୍ତ କୁମାର ବରାଳ, ଅକ୍ଷୟ କୁମାର ପତି, ସୁଶାନ୍ତ ଶେଖର ଜେନା ଓ ଦେବକଲ୍ୟାଣ ଦାସ ପ୍ରମୁଖ କ୍ଲବ ସଦସ୍ୟମାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ରୋଟାରିଆନ ଲୋକନାଥ ରାଉତ, ମହେନ୍ଦ୍ର ପଣ୍ଡା, ପ୍ରଶାନ୍ତ ବିଶ୍ୱାଳ, ପରମେଶ୍ୱର ଦାସ, ଦୀନେଶ ସାହୁ, ରାମଚନ୍ଦ୍ର ସେନାପତି, ଅଚ୍ୟୁତାନନ୍ଦ ମହାନ୍ତି, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବକଲ୍ୟାଣ ଦାସ, ସତ୍ୟଜିତ ରାଉତରାୟ, କୈଳାସ ଚନ୍ଦ୍ର ସାହୁ, ଯୁଧିଷ୍ଠିର ତରାଇ, ଜୟନ୍ତ ଦାଶ, ସଞ୍ଜୟ ବୋଇତାଇ, ଚିନ୍ମୟ କୁମାର ପୃଷ୍ଟି, ଅରୁଣ କୁମାର ବେହେରା ଓ ଗୋପୀନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବର କର୍ମକର୍ତ୍ତା, ବ୍ୟକ୍ତିବିଶେଷ ଓ ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ। ସରଜେଣ୍ଟ ରୋଟାରିଆନ ସଞ୍ଜୟ ମିଶ୍ର ଉପସ୍ଥାନ ତଥ୍ୟ ପ୍ରଦାନ କରିଥିବାବେଳେ ରୋଟାରିଆନ କାମଳ ଲୋଚନ ସାହୁ ଧନ୍ୟବାଦ ଦେଇଥିଲେ।

### ଅଧିକ ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ଯାଜପୁର ଟାଉନ,୯।୯ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଅଧିକ ଯୌତୁକ ପାଇଁ ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନନ୍ଦପୁର ଗ୍ରାମର ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ହତ୍ୟାର ଶିକାର ମହିଳା ହେଲେ ଗ୍ରାମର ନାରଣ ଦଳାଇଙ୍କ ସ୍ତ୍ରୀ ବଉଳ ଦଳାଇ। ଅଭିଯୋଗ ପରେ ପୋଲିସ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଉକ୍ତ ଥାନା ଅଧୀନ ଏରବାଙ୍କ ପଞ୍ଚାୟତ ବାଙ୍କସାହି ଗ୍ରାମର ପ୍ରମୋଦ ଦଳାଇଙ୍କ ଭଉଣୀ ବଉଳ ୧୦ ବର୍ଷରୁ ଉର୍ଦ୍ଧ୍ୱହେବ ମାଳଆନନ୍ଦପୁର ଗ୍ରାମର ନାରଣଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ନଗଦ ୫୦ହଜାର ଟଙ୍କା ସହ ସମସ୍ତ ଆସବାବପତ୍ର ଯୌତୁକ ବାବଦକୁ ଦିଆଯାଇଥିଲା। ମାତ୍ର ବିବାହର ୧ ମାସ ପରେ ସ୍ୱାମୀ ନାରଣ, ଶାଶୁ ଫୁଶି, ଦିଅର କରୁଣା, ଯାଆ ଓ ଜେଜେ ଶାଶୁ ଅଧିକ ଯୌତୁକ ପାଇଁ ବଉଳଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏପରି କି ସେମାନେ ୧ ଲକ୍ଷ ଟଙ୍କା ଆଣିବା ପାଇଁ ବଉଳଙ୍କ ଉପରେ ଚାପ ପକାଉଥିଲେ। ଘଟଣାକୁ ନେଇ ବଉଳ ୨/୩ ଥର ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଗ୍ରାମର ଭଦ୍ରଲୋକମାନେ ଏହାର ସମାଧାନ କରିଦେଉଥିଲେ। ମାତ୍ର ଗତ ଗୁରୁବାର ଶାଶୁଘର ଲୋକେ ମିଶି ତାଙ୍କୁ ମାଡ଼ମାରି ଏକ ବନ୍ଦ କୋଠରିରେ ରଖିଦେଇଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କ ତଣ୍ଟି ଚିପି ମାରିଦେଇଥିଲେ ବୋଲି ଭାଇ ପ୍ରମୋଦ ସଦର ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏନେଇ ଥାନାରେ ନଂ.୨୨୪/୨୩ରେ ଏକ ମାମଲା ରୁଜୁ ହୋଇଛି।

### କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର, ୯ ଅଟକ

ଖଇରା, ୯।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କଳିହା ଗ୍ରାମ ନିକଟରେ କଲେଜ ଛାତ୍ରୀଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ୯ଜଣଙ୍କୁ ଗ୍ରାମବାସୀ ଅଟକ ରଖି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି। ଦୁର୍ବ୍ୟବହାର କରିଥିବା ୩ଜଣ ଫେରାର ଅଛନ୍ତି। ମାଟିଆଳପଦା କଲେଜର ୩ଜଣ ଛାତ୍ରୀ କ୍ଲାସ ସାରି ଘରକୁ ଫେରୁଥିବା ବେଳେ କଳିହା ଛକରେ ୩ଜଣ ଯୁବକ ସେମାନଙ୍କ ଓଢଣି ଟାଣିବା ସହ ଦୁର୍ବ୍ୟବହାର କରିଥିଲେ। ଗ୍ରାମବାସୀ ବିରୋଧ କରିବା ପରେ ଏହି ଯୁବକମାନେ ତାଙ୍କର ୯ଜଣ ସାଙ୍ଗକୁ ଫୋନ କରି ଡାକିଥିଲେ। ସେମାନେ ପହଞ୍ଚି ଗାଁଲୋକଙ୍କ ସହ ଧସ୍ତାଧସ୍ତି ଗଣ୍ଡଗୋଳ କରିବାରୁ ଗ୍ରାମବାସୀ ଏକଜୁଟ ହୋଇ ତାଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଦୁର୍ବ୍ୟବହାର କରିଥିବା ଯୁବକ ମାନେ ଫେରାର ହୋଇଯିବାକୁ ସମର୍ଥ ହୋଇଛନ୍ତି।

### ଫେକର ବେଦାନ୍ତ ପକ୍ଷରୁ ସିଲେଇ ପ୍ରଶିକ୍ଷଣ




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ମହିଳାମାନେ।

କାଳିଆପାଣି,୯।୯(ଅସିତ ମହାନ୍ତ):

ଫେକର ବେଦାନ୍ତ କମ୍ପାନୀ ପକ୍ଷରୁ ସୁକିନ୍ଦା ବ୍ଲକ୍ ଅଧୀନ ରାଁସୋଳ ପଞ୍ଚାୟତର ରାଁସୋଳ ଗ୍ରାମରେ ଏକ ସିଲେଇ ଶିକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଶିବିର ୩ ମାସ ଧରି ଚାଲିବ। ଏଥିରେ ରାଁସୋଳ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମହିଳାମାନେ ସାମିଲ ହୋଇଛନ୍ତି। ରାଁସୋଳ ଗ୍ରାମର ଜୀବିକା ମିଶନ ଗୃହଠାରେ ଅନୁଷ୍ଠିତ ଏହି ଶିବିରକୁ ସରପଞ୍ଚ କନକଲତା ସର୍ଦ୍ଦାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ କମ୍ପାନୀର ସିଏସ୍‌ଆର୍ ଅଧିକାରୀ ୱାକର ରହେମାନ, ସନ୍ଧ୍ୟା ରାଜପୁତ ଓ ଅଙ୍କିତା ସନକୋର ପରିଚାଳନା କରୁଛନ୍ତି। ଆଗାମୀ ଦିନରେ ଅନ୍ୟ ଗ୍ରାମରେ ମଧ୍ୟ ସିଲେଇ ଶିକ୍ଷା ଦିଆଯିବ ବୋଲି କମ୍ପାନୀର ବରିଷ୍ଠ ଅଧିକାରୀ ଅଜୟ କୁମାର ପାତ୍ର ପ୍ରକାଶ କରିଛନ୍ତି।



ସାଇକ୍ଲିଂ ପ୍ରତିଯୋଗିତାରେ ଭାଗନେଇଥିବା ବରୀର ଛାତ୍ରୀଛାତ୍ରମାନେ।

# ବରୀରୁ ଭାଗନେଇଛନ୍ତି ୬ ଛାତ୍ରୀଛାତ୍ର

ବରୀ,୯।୯(ମହେନ୍ଦ୍ର ସ୍ୱାଇଁ):

**ସାଇକ୍ଲିଂ ପ୍ରତିଯୋଗିତା**

ଓଡ଼ିଶାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଛି ପର୍ବତ୍ୟାଞ୍ଚଳ ଆରୋହଣ ସାଇକ୍ଲିଂ ପ୍ରତିଯୋଗିତା। ଏହା କେନ୍ଦୁଝର ଜିଲା ହଦଗଡ଼ଠାରେ ଶନିବାର ଓ ରବିବାର ଦୁଇ ଦିନ ଧରି ଅନୁଷ୍ଠିତ ହେଉଛି। ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସହିତ ଓଡ଼ିଶା ସାଇକ୍ଲିଂ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏଥିରେ ଯାଜପୁର ଜିଲା ବରୀ ବ୍ଲକ୍‌ରୁ ୬ ଛାତ୍ରୀଛାତ୍ର ପ୍ରତୀକ୍ଷା ପ୍ରଧାନ, ବର୍ଷାରାଣୀ ଜେନା, ଦୀପ୍ତିମୟି ଶାନ୍ତି, ଉଦିତ ଶାନ୍ତି, ରିରେଶ କୁମାର ପ୍ରଧାନ ଓ ଜିଟ୍ କୁମାର ଶାନ୍ତିଙ୍କ ସମେତ ପ୍ରଶିକ୍ଷକ ତରୁଣ କୁମାର ଦାସ ଅଂଶଗ୍ରହଣ କରିଛନ୍ତି। ପ୍ରଶିକ୍ଷକ ଦାସ ବରୀ ବ୍ଲକ୍ ଅଲିଆବାଦଠାରେ ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ବିଭିନ୍ନ କ୍ରୀଡ଼ା ପ୍ରଶିକ୍ଷଣ ଦେଇ ଆସୁଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ଜିଲାର ସାଇକ୍ଲିଷ୍ଟମାନେ ସଫଳତା ଅର୍ଜନ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ରାସ୍ତା ପ୍ରଶସ୍ତୀକରଣ ପାଇଁ ମାପଚୁପକୁ ବିରୋଧ

■ ବାସହରା ହେବେ ଅନେକ ପରିବାର

■ ବିଧାୟକଙ୍କୁ ଜଣାଇବେ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ

କାଏମା,୯।୯(ଶିବପ୍ରସାଦ ମହାନ୍ତି):

ଧର୍ମଶାଳା ତହସିଲ ଅନ୍ତର୍ଗତ କାଏମାଠାରୁ ଶାନ୍ତିବଜାର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ମାପଚୁପ ଆରମ୍ଭ ହୋଇଥିବାବେଳେ ଏହାକୁ ବିରୋଧ କରାଯାଇଛି। କାଏମା ବଜାରରେ ପ୍ରଥମେ ମାପଚୁପ କରାଯାଇଥିବାବେଳେ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମ୍ୟାପ୍‌ରେ ଦେଖାଯାଇଛି କି ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅଧିକ ଚିହ୍ନଟ ହେଉଥିବାବେଳେ ଅନ୍ୟପାର୍ଶ୍ୱରେ କମ ଚିହ୍ନଟ କରାଯାଉଛି। ଉଭୟ ପାର୍ଶ୍ୱରେ ସରକାରୀ ଜମିଥିଲେ ବି ଯେଉଁ ପାର୍ଶ୍ୱରେ ସରକାରୀ ଜମି ଅଛି ତାହାକୁ ବାଦଦେଇ ଘରୋଇ ଜମିଆଡ଼କୁ ବେଶି ମାଡ଼ି ଆସୁଛି। ଫଳରେ ସେହି ପାର୍ଶ୍ୱରେ ଥିବା ଅନେକ ଘରୋଇ ଜମି ଓ ଘର ଏମିତି କି କାଏମା ଲାଲ ବାହାଦୁର ଉଚ୍ଚ ଓ ପ୍ରାଥମିକ ବିଦ୍ୟାଳୟ ସମ୍ପୂର୍ଣ୍ଣ ରାସ୍ତାକୁ ଆସୁଛି।

ଏହାକୁ ନେଇ ସ୍ଥାନୀୟ ବାସିନ୍ଦାମାନେ କାଏମା ମେଳଣ ଚାନ୍ଦିନୀଠାରେ ଶନିବାର ଏକ ବୈଠକ କରି ଏହି ମାପଚୁପକୁ ବିରୋଧ କରିଛନ୍ତି। ସେମାନେ ସ୍ଥାନୀୟ ବିଧାୟକଙ୍କୁ ଭେଟି ସମସ୍ୟା ବିଷୟରେ ଜଣାଇବା ପାଇଁ ସ୍ଥିର କରିଛନ୍ତି। ଯେହେତୁ ଏହା ଏକ ଗ୍ରାମାଞ୍ଚଳ ଓ ରାସ୍ତା ବଜାର ମଧ୍ୟ ଦେଇଯାଉଛି ତେଣୁ ବଜାର ମଧ୍ୟ ଦେଇ ୪ ଲେନ ରାସ୍ତା ବଦଳରେ ୨ ଲେନ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଛି। ଏଥିସହିତ ସରକାରୀ ଜମିକୁ ପ୍ରଥମେ ମାପଚୁପ କରାଯିବା ପରେ ଆବଶ୍ୟକସ୍ଥଳେ ଘରୋଇ ଜମି ନିଆଯାଉ, ଏହାଦ୍ୱାରା ଅନେକ ପରିବାର ବାସହରାରୁ ବଞ୍ଚିତ ହେବେ ବୋଲି ବୈଠକରେ କୁହାଯାଇଛି। ଏହି ବୈଠକରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଧନେଶ୍ୱର ମହାନ୍ତି, ସମିତିସଭ୍ୟ ସୌମ୍ୟରଞ୍ଜନ ପଣ୍ଡା, ପ୍ରଦୀପ୍ତ କିଶୋର ମହଲା, ବିଦ୍ୟାଧର ସାହୁ, ମାନସ ରଞ୍ଜନ ମଲ୍ଲିକ, ଉମେଶ ପୃଷ୍ଟି, ସୁରେନ୍ଦ୍ର ଦାସ, ଚିତ୍ତରଞ୍ଜନ ପୃଷ୍ଟି, ମଧୁସୂଦନ ସାହୁ ଓ ଶ୍ରୀଧର ସେନାପତି ପ୍ରମୁଖ ଯୋଗଦେଇ ମତ ରଖିଥିଲେ।



ବୈଠକରେ ଯୋଗଦେଇଥିବା ଗ୍ରାମବାସୀ।

## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ପଟ୍ଟାମୁଣ୍ଡାଇ,୯।୯(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ୨୦୨୩ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ କୋର୍ଟ ଓ ରାଜନଗର କୋର୍ଟରେ ଥିବା ୮୪ଟି ଲିଟିଗେଶନ ମାମଲାରୁ ୨ଟିର ସମାଧାନ ହୋଇଛି। ୧୫୧ଟି ପଡିରହିଥିବା ମାମଲା ମଧ୍ୟରୁ ୪୬ଟିର ସମାଧାନ ହେବା ସହ ୧ଲକ୍ଷ ୬,୪୮୦ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ଅନାଦେୟ ଋଣ ଆଦାୟ କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ କୋର୍ଟର ବିଚାରପତି ମୋନାଲିସା ପ୍ରଧାନ, ବିଚାରପତି ସମୀକ୍ଷା ମହାନ୍ତି, ବିଚାରପତି ସଙ୍ଗୀତା ମଲ୍ଲିକ, ରାଜନଗର କୋର୍ଟ ବିଚାରପତି ଜ୍ୟୋତିର୍ମୟୀ ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ବ୍ୟାଙ୍କର ପରିଚାଳକ ଓ କର୍ମଚାରୀ ଯୋଗ ଦେଇଥିଲେ।

### ନିରାଶ୍ରୟ ମହିଳାଙ୍କୁ ସହାୟତା

ପାଟକୁରା ୯।୯(ରବୀନ୍ଦ୍ର ନାଥ ବାରିକ )

ଗରଦପୁର ବ୍ଲକ ଓସ୍ତିଆ ଗ୍ରାମର ନିରାଶ୍ରୟ ମହିଳା କ୍ଷୀର ଘଡାଇଙ୍କୁ ସହାୟତାର ହାତ ବାଢ଼ାଇଛନ୍ତି ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ଶତପଥୀ। କ୍ଷୀର ଦୀର୍ଘଦିନ ଧରି ବିଭିନ୍ନ ରୋଗରେ ପୀଡିତ ଥିବା ବେଳେ ତାଙ୍କର ଏକମାତ୍ର ପୁଅ ପ୍ରଶାନ୍ତ ମଧ ଭିନ୍ନକ୍ଷମ ଅଟନ୍ତି। ଏମାନଙ୍କୁ ନିରଶ୍ରୟ ଓ ଭିନ୍ନକ୍ଷମ ଲାଗି ଏକ ହଜାର ଟଙ୍କା ଭତ୍ତା ମିଳୁଛି। ସେତିକି ଟଙ୍କାରେ ୨ଜଣଙ୍କ ଚଳିବାକୁ ଯଥେଷ୍ଟ ନୁହେଁ। ଏହାଛଡା ଖାଦ୍ୟ ସୁରକ୍ଷା ଯୋଜନାରେ ମାତ୍ର ୧୦ କିଲୋ ଚାଉଳ ସରକାର ଯୋଗାଇ ଦେଉଥିଲେ ବି ପୁରା ମାସ ଯାଉ ନାହିଁ। ଫଳରେ ଅଧିକାଂଶ ସମୟ ମା' ପୁଅ ଉପବାସରେ ଦିନ କାଟୁଛନ୍ତି। ଏପରିକି ତାଙ୍କ ସ୍ୱାମୀଙ୍କ ନାମରେ ଇନ୍ଦିରା ଆବାସ ଗୃହ ବାବଦରେ ଯେଉଁ ୨୨ ହଜାର ଟଙ୍କା ମିଳିଥିଲା ସେଥିରୁ ମଧ୍ୟସ୍ଥି ବା ଦଲାଲ୍ ୧୦ ହଜାର ଟଙ୍କା ନେଇ ଯାଇଥିବାରୁ ତାଙ୍କର ଦେହାନ୍ତ ପରେ ସେ ଘର କରିପାରିନାହାନ୍ତି। ଏବେ ସେମାନେ ବାଧ ହୋଇ ଭଙ୍ଗା ଚାଳ ଛପର ଘରେ ରହୁଛନ୍ତି। ଏମିତି କି ରୋଗରେ ପୀଡିତ ଥିବାରୁ ଔଷଧ ମଧ ଖାଇ ପାରୁନାହାନ୍ତି। ତେବେ ସାମାଜିକ କର୍ମୀ ପ୍ରଦୀପ୍ତ ଏହି ଖବର ପାଇ ଆର୍ଥିକ ସହାୟତା ସହ ଚୁଡ଼ା, ଚାଉଳ ଓ ପିନ୍ଧିବା ଶାଢ଼ି ଯୋଗାଇ ଦେଇଛନ୍ତି। ଏହି ସମୟରେ ପ୍ରମିଳା ମହାନ୍ତି, ସାଇଦତ୍ତ ସାହାଣୀ, ସ୍ମୃତି ରଞ୍ଜନ ଦାଶ, ନିରଞ୍ଜନ ପରିଡ଼ା, କିଶୋର ପଣ୍ଡା, ପ୍ରତାପ ରଞ୍ଜନ ତ୍ରିପାଠୀ, ଓ ଚନ୍ଦ୍ର ପ୍ରକାଶ ମୁଦୁଲି, ନବାବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ମହାବିଦ୍ୟାଳୟରେ ନୀଳ ଆକାଶ, ସ୍ୱଚ୍ଛ ବାୟୁ ଦିବସ

ରାଜନଗର, ୯।୯ (ଭାସ୍କର ରାଉତରାୟ)

ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ନୀଳ ଆକାଶରେ ସ୍ୱଚ୍ଛ ବାୟୁ ଦିବସ ପାଳିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଅତୁଲ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିସ୍ତାରିତ ନୀଳ ଆକାଶରେ ପ୍ରଦୂଷିତ ବଳୟ ସୃଷ୍ଟି ଯୋଗୁ ସ୍ୱଚ୍ଛ ତଥା ନିର୍ମଳ ବାୟୁ ମିଳିବା ସ୍ୱପ୍ନ ହେବାକୁ ଯାଉଛି। ଅମ୍ଳଜାନ ପରିବର୍ତ୍ତେ ଆଜିର ଅର୍ଥସର୍ବସ୍ୱ ମଣିଷ ନିଜର ବିକାଶ ପାଇଁ ବ୍ୟବହୃତ ବିଭିନ୍ନ ଯାନ ଦ୍ୱାରା ନିର୍ଗତ ଅଙ୍ଗାରକାମ୍ଳ ଆମ ବିଷ ବଳୟ ଆଡକୁ ନେଇ ଯାଉଥିବାରୁ ବସୁନ୍ଧରା ଆଖିରେ ଲୁହ। ଆଗାମୀ ଦିନରେ ଏହାର ନିରାକରଣ ପାଇଁ ଯୁବପିଢ଼ି ଜାଗ୍ରତ ରହିବାକୁ ସେ ପରାମର୍ଶ ଦେଇଥିଲେ। ବରିଷ୍ଠ ପ୍ରାଧାପିକା ରାଜଶ୍ରୀ ସାମନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଡା. ଆଦିତ୍ୟ ନାରାୟଣ ପ୍ରଧାନ ନୀଳ ଆକାଶର ସ୍ୱଚ୍ଛ ବାୟୁ ଶୀର୍ଷକ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଧାପକ ପ୍ରଶାନ୍ତ କୁମାର ବଳ, ପ୍ରାଧାପକ ପ୍ରତାପ ସ୍ୱାଇଁ, ପ୍ରାଧାପକ ସନ୍ଦିପ ମହାପାତ୍ର, ପ୍ରାଧାପିକା ଅନସୂୟା ବେହେରା, ଖବରଦାତା ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ଏହାକୁ ଏନ୍‌ଏସ୍‌ଏସ୍‌ର ସଭାପତି ଅଭିଜିତ୍ ଖଟୁଆ, ବିପିଓ ଶ୍ରୀକାନ୍ତ ଦାସ, ହିମାଂଶୁ ଶେଖର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପ୍ରଫେସର ବଳ ସମ୍ବର୍ଦ୍ଧିତ କରିଥିଲେ।

# ବିପଦ ସଙ୍କୁଳ ଅବସ୍ଥାରେ ହରିଅଙ୍କ ଅଙ୍ଗନୱାଡି କେନ୍ଦ୍ର

## ମହିଳା ଶିଶୁ ସମନ୍ୱିତ ବିଭାଗ ସାଜିଛି ନୀରବଦ୍ରଷ୍ଟା

ଡେରାବିଶ,୯।୯ (ବେବର୍ତ୍ତା ଅଜୟ ଦାସ)

ତିନି ତିନି ବର୍ଷରୁ ୬ ବର୍ଷ ଯାଏ ଶିଶୁଙ୍କ ମାନସିକ ଓ ଶାରିରୀକ ଅଭିବୃଦ୍ଧି ନିମନ୍ତେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ସମନ୍ୱିତ ବିକାଶ ବିଭାଗ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ରରେ ସେମାନଙ୍କୁ ବିଭିନ୍ନ ଖେଳ କୌତୁକ ଶିକ୍ଷା ପ୍ରଦାନ କରାଯାଉଛି। ମାତ୍ର କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ଅଧୀନ ହରିଅଙ୍କ (ଜେନାସାହି) ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହି କେନ୍ଦ୍ରରେ ଗ୍ରାମର ୧୩ ନଂ. ଓ ୧୫ନଂ. ୱାର୍ଡର ସମୁଦାୟ ୩୦ ଜଣ କୋମଳମତି ଶିଶୁ ଅଧ୍ୟୟନ କରୁଛନ୍ତି। କେନ୍ଦ୍ରର ସ୍ଥାୟୀ ଗୃହ ନ ଥିବାରୁ ଗ୍ରାମରେ ଥିବା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କେନ୍ଦ୍ର ଚାଲୁଛି। ଏହି ପ୍ରାଥମିକ ବିଦ୍ୟାଳୟଟିରେ କମ୍ ସଂଖ୍ୟକ ଛାତ୍ରୀଛାତ୍ର ଥିବାରୁ ଅନ୍ୟ ବିଦ୍ୟାଳୟ ସହ ମର୍ଜ ହୋଇଯାଇଛି। ଖାଲି ପଡ଼ିଥିବା ଏହି ବିଦ୍ୟାଳୟ ଗୃହଟି ବିପଦ ସଙ୍କୁଳ ଅବସ୍ଥାରେ ପଡ଼ି ରହିଛି। ତେବେ ବିଦ୍ୟାଳୟ ଗୃହରେ ପଡ଼ିଥିବା ଆଜବେଷ୍ଟସ ବହୁ ପୁରୁଣା ହୋଇଥିବାରୁ ତାହା ଭାଙ୍ଗିରୁଜି ଗଲାଣି। ଗୃହର କାନ୍ଥରେ ବହୁ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ବର୍ଷା ହେଲେ ଘର ଭିତରେ ପାଣି ଜମିବା ସହ ସାପ ଓ ବେଙ୍ଗ ଭିତରେ ଖେଳିଥାନ୍ତି। ଏଭଳି ଏକ ବିପଦ ସଙ୍କୁଳ ଗୃହରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର। କିଛିଦିନ ହେବ ଲଗାଣ ବର୍ଷା ପାଇଁ ଏହି କେନ୍ଦ୍ରରେ ଶିଶୁମାନଙ୍କୁ ଶିକ୍ଷାଦାନ କରିବା ସୁରକ୍ଷିତ ହେଉ ନ ଥିବାରୁ ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ ବ୍ୟକ୍ତିଗତ ଭାବେ ଏକ ପାଲ ଭଙ୍ଗା ଆଜବେଷ୍ଟସ ଉପରେ ପକାଇଛନ୍ତି। ଏହି ବିଷୟରେ ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନଙ୍କୁ ପଚାରିବାରୁ ଏହି କେନ୍ଦ୍ର ପାଇଁ ଏକ ସ୍ଥାୟୀ ଗୃହ ନିର୍ମାଣ କରିବା ପାଇଁ ଡେରାବିଶ ସିଡିପିଓ ଓ ବିଡିଓଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଛି। ମାତ୍ର ଏହି ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏହି କେନ୍ଦ୍ରର ସ୍ଥାୟୀ ପକ୍କା ଗୃହ ନିର୍ମାଣ ପାଇଁ ପ୍ରଧାନ ବ୍ଲକ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି। ସିଡିପିଓ ସ୍ନେହଲତା ସାହୁଙ୍କୁ ପଚାରିବାରୁ କେନ୍ଦ୍ରର ସ୍ଥାୟୀ ଘର ପାଇଁ ସରପଞ୍ଚଙ୍କ ଦାୟିତ୍ୱ ରହିଛି। ତାଙ୍କର ନୁହେଁ ବୋଲି ସାହୁ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ଏହି କେନ୍ଦ୍ରର ଅବସ୍ଥା ପରିଦର୍ଶନ କରିବା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି ସିଡିପିଓ ସାହୁ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚଙ୍କ ସହ ଆଲୋଚନା କରିବା ପରେ ଖୁବ୍‌ଶୀଘ୍ର ଏହି କେନ୍ଦ୍ର ପାଇଁ ସ୍ଥାୟୀ ଗୃହ ନିର୍ମାଣ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



କଣା ହୋଇଥିବା ଆଜବେଷ୍ଟସ ତଳେ ବସି ଶିଶୁମାନେ ପଢୁଛନ୍ତି।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି : ମା' ମଙ୍ଗଳା ପ୍ରତ୍ୟୁସର୍ଶ ଗ୍ରୁପ



ଗ୍ରୁପ୍‌ର ମହିଳାମାନେ ବେଡଶିଟ୍‌ରେ ଏମ୍ବ୍ରୋଡୋରି କରୁଛନ୍ତି।

ଡେରାବିଶ,୯।୯ (ବେବର୍ତ୍ତା ଅଜୟ ଦାସ)

ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଏବଂ ମହିଳାଙ୍କ ଆର୍ଥିକ ବ୍ୟାବସ୍ଥାକୁ ସମୃଦ୍ଧ କରିବା ପାଇଁ ସରକାରଙ୍କ ମିଶନ ଶକ୍ତି ବିଭାଗ ବ୍ୟାପକ ପଦକ୍ଷେପ ନେଇଛି। କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ତିଲଙ୍ଗଠାରେ ଥିବା ମା' ମଙ୍ଗଳା ପ୍ରତ୍ୟୁସର୍ଶ ଗ୍ରୁପ ମହିଳାଙ୍କୁ ସ୍ୱାଭଲମ୍ବୀ କରିବାରେ ସହାୟକ ହୋଇଛି। ଏହି ଗ୍ରୁପ୍‌ରେ ୨୯ଜଣ ସଦସ୍ୟ ରହିଛନ୍ତି। ପ୍ରତ୍ୟେକ ଦିନ ମହିଳାମାନେ ବେଡସିଟ୍, କଟନ ବ୍ୟାଗ୍, ଚାନ୍ଦୁଆ, ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କ ପାଇଁ ପୋଷାକ ତିଆରି କରି ମହିଳାମାନେ ରୋଜଗାରକ୍ଷମ ହୋଇପାରିଛନ୍ତି। ଉତ୍କୃଷ୍ଟ ଧରଣର ବେଡଶିଟ୍ ତିଆରି କରିବା ସହ ସେଥିରେ ଏମ୍ବ୍ରୋଡୋରି କାର୍ଯ୍ୟ କେବଳ କେନ୍ଦ୍ରାପଡ଼ା ଜିଲା ନୁହେଁ ବାହାର ଜିଲାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏଥିପାଇଁ ସରକାରୀ ଓ ବେସରକାରୀ ସ୍ତରରେ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ ହୋଇଛନ୍ତି। ଏହି ବିଷୟରେ ସଂଘ ସଭାନେତ୍ରୀ କୌଶଲ୍ୟା ଖଟୁଆ କୁହନ୍ତି, ଗ୍ରୁପ୍‌ରେ ଥିବା ସଦସ୍ୟମାନେ ପ୍ରତ୍ୟେକ ଦିନ ଉପରୋକ୍ତ ଘର କରଣା ଦ୍ରବ୍ୟ ତିଆରି କରି ବାହାର ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଆର୍ଥିକ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ସମ୍ପାଦିକା ବିମଳା ନାୟକ ଓ ଏଲଏସ୍‌ପି (ଲାଇଭିଏଲଆଇହୁଡସ) ସ୍ୱର୍ଣ୍ଣଲତା ରାଉତ କୁହନ୍ତି, ଏହି କାର୍ଯ୍ୟ ପାଇଁ ମିଶନ ଶକ୍ତି ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଅଧିକ ପ୍ରୋତ୍ସାହନ ଦିଆଗଲେ ଏହି ଗ୍ରୁପ୍‌ର ମହିଳାମାନେ ଅନ୍ୟ ଘର କରଣା ସାମଗ୍ରୀ ଅଧିକ ସଂଖ୍ୟାରେ ପ୍ରସ୍ତୁତ କରିବାକୁ ସକ୍ଷମ ହେବେ। ଏଥିପ୍ରତି ଜିଲାପାଳ ଅଧିକ ଦୃଷ୍ଟି ଦେବା ସହ ଆର୍ଥିକ ସହାୟତା କଲେ ବ୍ଲକ ଅଞ୍ଚଳରେ ନିଜର ପରିଚୟ ସୃଷ୍ଟି କରିଥିବା ଏହି ଗ୍ରୁପ ଅଧିକ ସମୃଦ୍ଧ ହୋଇପାରନ୍ତା ବୋଲି ସେ କହିଛନ୍ତି।

### ବିଦ୍ୟାଳୟକୁ ଶୀତଳ ପାନୀୟ ଜଳ ଯୋଗାଣ ଯନ୍ତ୍ର ଦାନ

ଆଳି,୯।୯ (ବନମାଳୀ ସେନାପତି)

ଆଳି ବ୍ଲକ ଅନ୍ତର୍ଗତ ଦଶିପୁର ପଞ୍ଚାୟତର ଖରିଅଣ୍ଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଜିଲା ପରିଷଦ ଅନୁଦାନ ପାଣ୍ଠିରୁ ୪ ନଂ. ଜିଲା ପରିଷଦ ସଦସ୍ୟ ଜୟରାମ ସାହୁ ଏକ ବିଶୁଦ୍ଧ ଶୀତଳ ପାନୀୟ ଜଳ ଯୋଗାଣ ଯନ୍ତ୍ର ଦାନ କରିଛନ୍ତି। ଆଜିର ସମୟରେ ରୋଗର ନିଦାନ ପାଇଁ ଔଷଧ, ସୁଷମ ଖାଦ୍ୟର ଯେତିକି ଭୂମିକା ଅଛି, ବିଶୁଦ୍ଧ ପାନୀୟ ଜଳ ସବୁଠାରୁ ଅଧିକ ଅବଶ୍ୟକ। ଏହି ପରିପ୍ରେକ୍ଷୀରେ ଖରିଅଣ୍ଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସାହୁ ଏହି ଥଣ୍ଡା ପାନୀୟ ଯନ୍ତ୍ରଟି ଯୋଗାଇ ଦେଇଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଦଶିପୁର ସରପଞ୍ଚ ପ୍ରଦ୍ୟୋତ ମହାନ୍ତି ଓ ସମିତି ସଭ୍ୟଙ୍କ ପ୍ରତିନିଧି ସୁରେଶ ବରଜ ଅତିଥି ଭାବେ ଯୋଗଦେଇ ଏହି ବିଶୁଦ୍ଧ ଶୀତଳ ପାନୀୟ ଜଳ ଯୋଗାଣ ଯନ୍ତ୍ରର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବ୍ରତ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ବିଜେନ ସିଂ ଓ ଶିକ୍ଷୟିତ୍ରୀ ପାର୍ବତୀ ସରେନ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟିର ସଭାପତି ଗୌତମ ସାମଲ, ୱାର୍ଡ ସଭ୍ୟ ସୁଶାନ୍ତ ବେହେରା, ରବୀନ୍ଦ୍ର ମଳିକ, କାର୍ତ୍ତିକ ବେହେରା, ଜଗନ୍ନାଥ ସାମଲ, ଅଞ୍ଜନ ମଳିକ, ଅଜୟ ପାତ୍ର, ରମାକାନ୍ତ ବେହେରା, ରଞ୍ଜନ ଓଝା, ପୁଷ୍ପକ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

# ପାଟକୁରା–ହଳଦିଆଗଡା ରାସ୍ତା ମରଣଯନ୍ତା

ମାର୍ଶାଘାଇ,୯।୯ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )



ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ହଳଦିଆଗଡାଠାରୁ ପାଟକୁରା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା ପାଲଟିଛି। ଜାତୀୟ ରାଜପଥରୁ ପାଟକୁରା ପର୍ଯ୍ୟନ୍ତ ୧୦ କିମି ରାସ୍ତାକୁ ପାଟକୁରାର ଦ୍ୱାର ବୋଲି କୁହାଯାଇଥାଏ। ମାତ୍ର ମରାମତି ଅଭାବରୁ ଏହି ରାସ୍ତାରେ ଅସଂଖ୍ୟ ଖାଲଖମା ସୃଷ୍ଟି ହୋଇ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି। ଏପରି କି ପ୍ରତିଦିନ ଦୁର୍ଘଟଣା ମଧ ଘଟୁଥିବା ଜଣାଯାଇଛି। ଏହି ରାସ୍ତାର ଦୋହରାକରଣ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ଡକାଯାଇ କାମ ଆରମ୍ଭ କରାଯାଇଥିଲେ ମଧ ବର୍ଷା ଋତୁ ପାଇଁ ବନ୍ଦ ରହିଛି। କିଛିଦିନ ତଳେ ବିଭାଗ ପକ୍ଷରୁ ରାସ୍ତାରେ ତାଳି ପକା ପିଚୁ କରାଯାଇଥିଲେ ମଧ ତାହା ଅଧାରୁ ବନ୍ଦ ରହିଛି। ଏବେ ବର୍ଷା ପାଣି ଖାଲରେ ଜମି ରହିବା ଫଳରେ ଦୁଇଚକିଆ ଆରୋହୀ ଖାଲରେ ପଡ଼ି ଆହତ ହେଉଛନ୍ତି। ଏହି ବ୍ୟସ୍ତ ବହୁଳ ରାସ୍ତାରେ ଦୈନିକ ହଜାର ହଜାର ଲୋକ କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ ପାରାଦୀପକୁ ଯାଇଥାନ୍ତି। ତୁରନ୍ତ ଏହାକୁ ମରାମତି କରିବା ପାଇଁ ସାମାଜିକ କର୍ମୀ ଅରବିନ୍ଦ ସୁନ୍ଦରାୟ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ପତିଙ୍କୁ ପଚାରିବାରେ ଏହି ରାସ୍ତା ବୁଲି ଦେଖିଛି। ଖୁବ୍‌ଶୀଘ୍ର ଗାତ ପୋତା ଯାଇ ମରାମତି କରାଯିବ ବୋଲି ସେ କହିଛନ୍ତି।

# ଭାଜପା ପକ୍ଷରୁ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ




ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମରେ ଭାଜପା ନେତା ଓ କର୍ମୀମାନେ।

ରାଜନଗର, ୯।୯ (ଭାସ୍କର ରାଉତରାୟ)

ରାଜନଗର ଭାଜପା ପକ୍ଷରୁ ବ୍ଲକ ଅନ୍ତର୍ଗତ ଡାଙ୍ଗମାଳ ପଞ୍ଚାୟତର ମା'ଜୟଦୁର୍ଗାଙ୍କ ପୀଠରେ ମୋ ଦେଶ ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାଙ୍ଗମାଳ ଶକ୍ତିକେନ୍ଦ୍ର ସଭାପତି କୃତ୍ତିବାସ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଭାରତବର୍ଷରେ ପ୍ରତିଟି ଗାଁରୁ ଗାଁ ମାଟି ସଂଗ୍ରହ କରି ଏ ପବିତ୍ର ମାଟିକୁ ଦିଲ୍ଲୀ ପଠାଇ ନିଜକୁ ଗୌରବାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ୯ ବର୍ଷର ଶାସନ ମଧ୍ୟରେ କିଭଳି ଓଡିଶା ଏବଂ ଓଡ଼ିଆଙ୍କୁ ଦିଲ୍ଲୀ ଦରବାରରେ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି ଏବଂ ଭାରତର ଯୁଦ୍ଧ ଜାହାଜକୁ ଓଡିଶାର ପର୍ବତ ମହେନ୍ଦ୍ରଗିରି ନାଁରେ ନାମିତ କରି ଓଡ଼ଶାକୁ ସାରା ବିଶ୍ୱ ଦରବାରରେ ସୁପରିଚିତ କରିଛନ୍ତି ବୋଲି ପୂର୍ବତନ ବିଧାୟକ ଜେନା କହିଛନ୍ତି। ଆଗାମୀ ଦିନରେ ରାଜନଗରକୁ ରାଜଧାନୀ ସହିତ ଯୋଡି ପୁନର୍ବାର ପ୍ରଗତିର ମୁଖଶାଳା କରାଯିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲିସାହିପାଟଣା ସରପଞ୍ଚ କୈଳାସ ଚନ୍ଦ୍ର ପରିଡା, କୋଇଲିପୁର ସରପଞ୍ଚ ଦିଲୀପ କୁମାର ରାଉତ, ସମବାୟବିତ୍ ଦିଲୀପ କୁମାର ପାତ୍ର, ଯୁବନେତା ଗୌତମ ପାଢ଼ୀ, ଜଗବନ୍ଧୁ ସେଠୀ, ଦୋଳଗୋବିନ୍ଦ ଜେନା, ସୌମ୍ୟକାନ୍ତ ଡିଙ୍ଗଲ, ଶୁକଦେବ ବେହେରା, ତ୍ରିଲୋଚନ ଦାସ, ବସନ୍ତ ବେହେରା, ନିତ୍ୟାନନ୍ଦ ବେହେରା, ଗୌରାଙ୍ଗ ସେଠୀ, ମହେନ୍ଦ୍ର ବେହେରା, ଚିତ୍ତ ରଞ୍ଜନ ବେହେରା, ଦାମୋଦର ଦାସ, ଜିତେନ୍ଦ୍ର ପତି, ଚିନ୍ମୟୀ ବେହେରା, ରାଧେଶ୍ୟାମ ବାରିକ, ଦୁଃଶାସନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଭାଜପା କର୍ମୀ ଯୋଗଦେଇଥିଲେ।

# ଲୋକ ଅଦାଲତରେ ୩୫୪ ମାମଲାର ଫଇସଲା

କେନ୍ଦ୍ରାପଡ଼ା, ୯।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୫୪ଟି ମାମଲାର ଫଇସଲା ହୋଇ ୧, ୫୯,୬୪,୮୧୮ ଟଙ୍କା ଜରିମାନା ଆଦାୟ ପାଇଁ ରାୟ ପ୍ରକାଶ ପାଇଛି। ଏହାବ୍ୟତିତ ରାଷ୍ଟ୍ରୀୟ ବ୍ୟାଙ୍କ ଦ୍ୱାରା ୩୭,୩୯,୪୩୦ ଟଙ୍କା ଋଣ ଅର୍ଥ ଆଦାୟ ହୋଇଥିଲା। ସେହିପରି ୧୯ଟି ବୈବାହିକ ମାମଲା ମଧ୍ୟରୁ ୧୫ଟିରେ ଫଇସଲା ହୋଇଛି। ୧୫ଟି ଦେୱାନୀ ମାମଲା, ୨୪ଟି ଦୁର୍ଘଟଣାଜନିତ ମାମଲା ଆଦିର ଫଇସଲା ହୋଇଥିଲା। ଏହାକୁ ଜିଲା ଜଜ୍ ବିଶ୍ୱଜିତ ମହାନ୍ତି, ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଏଡିଜେ ଅଜୟ କୁମାର ପ୍ରଧାନ, ସିଜେଏମ୍ ପୂଜା ଷଡଙ୍ଗୀ, ଡିଏଲଏ ସୁମିତ୍ରା ସାହୁ ପ୍ରମୁଖ ବିଚାର କରିଥିଲେ।

# ଓଳାଭର ମହାବିଦ୍ୟାଳୟରେ ବିଶ୍ୱ ଫାଷ୍ଟେଡ଼ ଦିବସ




ଜଣେ ବ୍ୟକ୍ତିଙ୍କର ପ୍ରାଥମିକ ଚିକିତ୍ସା କିଭଳି କରାଯିବ ତାହା ଡାକ୍ତର ଦେଖାଉଛନ୍ତି।

ରାଜକନିକା,୯।୯(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ମହାବିଦ୍ୟାଳୟରେ ୟୁଥ୍ ରେଡକ୍ରସ ଆନୁକୁଲ୍ୟରେ ମହାବିଦ୍ୟାଳୟ ପରିସର ମଧ୍ୟରେ ଅଧ୍ୟକ୍ଷ ପ୍ରଫେସର ହଳଧର ବେହେରାଙ୍କ ସଭାପତିତ୍ୱରେ ବିଶ୍ୱ ଫାଷ୍ଟେଡ଼ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଟଣା ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡା. ତପନ କୁମାର ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଫାଷ୍ଟେଡ଼ ସମ୍ପର୍କୀତ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଳାଭର ରାଧାନାଥ ରଥ ହସ୍ପିଟାଲର ଅମର କୁମାର ପାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଫାଷ୍ଟେଡ଼ ସମ୍ପର୍କରେ ବହୁ ଉପାଦେୟ ସୂଚନା ପ୍ରଦାନ କରିଥିଲେ। ୟୁଥ୍ ରେଡକ୍ରସର ସଂଯୋଜକ ପ୍ରତାପ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ସୁଧୀର କୁମାର ବାରିକ, ଡ. ବସନ୍ତ କୁମାର ସେଠୀ, ମୁରଲୀ ଧର କର ପ୍ରମୁଖ ଯୋଗ ଦେଇଥିଲେ। ୱାଇଆରସିର ସଂଯୋଜିକା ଅଧାପିକା ଅର୍ପିତା ପ୍ରିୟଦର୍ଶିନୀ ଲେଙ୍କା ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ଅଧାପିକାଅଧାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୪୦୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ପିଇବା ପାଣି ପାଇଁ ହନ୍ତସନ୍ତ

କେନ୍ଦ୍ରାପଡ଼ା, ୯।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ବାରୋ ପଞ୍ଚାୟତ ଅଧୀନ ତ୍ରିଲୋଚନପୁରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ୪୦୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ଶୁଦ୍ଧ ପାନୀୟ ଜଳ ପାଇଁ ଦୀର୍ଘଦିନ ହେବ ହନ୍ତସନ୍ତ ହେଉଛନ୍ତି। ଏହି ପଞ୍ଚାୟତ ଅଧୀନ ଓଭରହେଡ ଟାଙ୍କି ଓ ପାଇପ ଲାଇନ ବିଛାଣ ପ୍ରକଳ୍ପକୁ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିରୋଧ କରୁଛନ୍ତି। ଫଳରେ ସେମାନଙ୍କ ବିରୋଧରେ ନିକିରାଇ ଥାନାରେ ଅଭିଯୋଗପତ୍ର ଦିଆଯାଇଛି। ଏହାପୂର୍ବରୁ ତ୍ରିଲୋଚନପୁର ଓ ନିକଟସ୍ଥ ଉଛରପଡା ଗ୍ରାମବାସୀ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧିକାରୀ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହ ବିଦ୍ୟାମନ୍ଦିର ପକ୍ଷରୁ ଏହି ସମସ୍ୟାର ସମାଧାନ କରି ତୁରନ୍ତ ପାଣି ଯୋଗାଣ କାର୍ଯ୍ୟ ଆରମ୍ଭ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ଭବିଷ ବିଶ୍ୱାଳ, କାହ୍ନୁଚରଣ ଗିରି, ବଲ୍ଲଭ ମଲ୍ଲିକ, ସୁବାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ କହିଛନ୍ତି, ବାରୋ ପଞ୍ଚାୟତର ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବହୁଦିନ ହେବ ଆରମ୍ଭ ହେଲାଣି। ତେବେ ପାଇପ ବିଛାଣ ସମୟରେ କେତେଜଣ ବ୍ୟକ୍ତି ଏଥିରେ ବାଧା ସୃଷ୍ଟି କରିବାରୁ ବିଦ୍ୟାମନ୍ଦିର ସମେତ ନିକଟସ୍ଥ ଦୁଇ ଗ୍ରାମକୁ ପାନୀୟ ଜଳ ଯୋଗାଣ ହୋଇପାରୁନାହିଁ। ସମ୍ପୃକ୍ତ ବ୍ୟକ୍ତିମାନେ ବାରମ୍ବାର ବାହୁବଳ ଦେଖାଇ ପ୍ରକଳ୍ପ କାର୍ଯ୍ୟକୁ ରୋକୁଛନ୍ତି। ଏ ସମ୍ପର୍କୟରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ପ୍ରଣୟନ ସହ ଅର୍ଥ ମଞ୍ଜୁର ହୋଇଛି। ଏଥିରେ ବାଧା ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।

# କ୍ୱାର୍ଟର୍ସରେ ରହୁଛନ୍ତି ବାହାର ଲୋକ

## ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ରାଜକନିକା, ୯।୯(ସଞ୍ଜୟ କୁମାର ଦାଶ)




କେନ୍ଦ୍ରାପଡ଼ା ଜିଲା ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ସରକାରୀ ନିୟମକୁ ଅନୁସାରେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ ଲାଗି କ୍ୱାର୍ଟର୍ସ ନିର୍ମାଣ ହୋଇଛି। ହେଲେ ଏହି କ୍ୱାର୍ଟର୍ସ ସେମାନଙ୍କ ଦିଆ ନ ଯାଇ ବାହାର ଲୋକଙ୍କୁ ଦିଆଯାଇଛି। ଫଳରେ କର୍ମଚାରୀ ରହିବାକୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କଠାରୁ ଆରମ୍ଭ କରି ଅନ୍ୟମାନେ କେହି ଶୁଣୁନାହାନ୍ତି ବୋଲି କେତେଜଣ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଯାହାକୁ ନେଇ ସାଧାରଣରେ ମଧ ଜନ ଅସନ୍ତୋଷ ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କନିଷ୍ଠ କିରଣି ରବିନାରାୟଣ ମହାପାତ୍ର ୧୭ ବର୍ଷ ହେଲା ଏଠାରେ ରହିଛନ୍ତି। ସେ ସ୍ୱାସ୍ଥ୍ୟକେନ୍ଦ୍ରର ଏକ କ୍ୱାର୍ଟର୍ସଟିରେ ତାଙ୍କର ଜଣେ ସମ୍ପର୍କୟଙ୍କୁ ରଖାଇଛନ୍ତି। ଏହାକୁ କେହି କର୍ମଚାରୀ ବିରୋଧ କରିବାକୁ ସାହାସ ଜୁଟାଇ ପାରୁନାହାନ୍ତି। ଅନ୍ୟପକ୍ଷେ ରୋଗୀଙ୍କ ସେବା ଲାଗି ଆସୁଥିବା ବ୍ୟାଣ୍ଡଜ, ଗଜ, ତୁଳା, ମେଡିସିନ ଇତ୍ୟାଦି ମଧ ଠିକ୍ ଭାବେ ଦିଆଯାଉନାହିଁ। ଫଳରେ ରୋଗୀ ସେବା କ୍ଷେତ୍ରରେ କର୍ମଚାରୀମାନେ ଅସୁବିଧା ଭୋଗ କରୁଛନ୍ତି। ରୋଗୀମାନେ ନିଜର ଚିକିତ୍ସା ପାଇଁ ବାହାରର ଔଷଧ ଦୋକାନରୁ ଉପରୋକ୍ତ ଜିନିଷ କିଣି ଚିକିତ୍ସାରେ ଲଗାଉଛନ୍ତି। ଏ ସମ୍ପର୍କରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜଙ୍କୁ ପଚାରିବାରେ ଏହା ସମ୍ପୂର୍ଣ୍ଣ ମିଥ୍ୟା। ସେ କ୍ୱାର୍ଟର୍ସ ଅନ୍ୟଜଣଙ୍କୁ ଆଲର୍ଟମେଣ୍ଟ ହୋଇଛି। ଯେହେତୁ ତାଙ୍କର ଅସୁବିଧା ଅଛି ସେ ତାଙ୍କ ସହ କଥା ହୋଇ ନନ୍ ଅଫିସିଆଲ ଭାବେ ରହୁଛନ୍ତି। ମୋ ନାମରେ ଆଣିଥିବା ଅଭିଯୋଗ ଭିତ୍ତିହୀନ। ଏ ସମ୍ପର୍କରେ କିରାଣି ମହାପାତ୍ରଙ୍କୁ ପଚାରିବାରେ ଯେଉଁ କ୍ୱାର୍ଟର୍ସରେ ମୋ ବନ୍ଧୁ ରହୁଛନ୍ତି ତାହା ଅନ୍ୟ ଜଣକ ନାମରେ ଆଲର୍ଟମେଣ୍ଟ ହୋଇଛି। ମୁଁ ତାଙ୍କୁ କିଛିଦିନ ପାଇଁ ଅନୁରୋଧ କରି ସମ୍ପର୍କୀୟଙ୍କୁ ରଖିଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ

ରଣପୁର,୯।୯(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ ଗୋପାଳପୁର ପଞ୍ଚାୟତ ବଡ଼ବରମୂଳ ଗ୍ରାମରେ ଶନିବାର ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କୋମଦ ପ୍ରଧାନ(୬୫) । କୋମଦ ସକାଳୁ ବିଲକୁ ଯାଇଥିଲେ । ସେ ଚାଷ କାମରେ ବ୍ୟସ୍ତ ଥିବା ବେଳେ ଏକ ସାପ ତାଙ୍କ ଗୋଡ଼କୁ କାମୁଡି ଦେଇଥିଲା । କିଛି ସମୟ ପରେ କୋମଦ ଚେତାଶୂନ୍ୟ ହୋଇ ପଡିଥିଲେ। ବହୁ ସମୟ ପରେ ବି କୋମଦ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରିଥିଲେ । ଶେଷରେ ସେ ବିଲରେ ପଡ଼ିଥିବା ପରିବାର ଲୋକେ ଦେଖି ତାଙ୍କୁ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ରଣପୁର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । କୋମଦ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ସେଥିପାଇଁ ତାଙ୍କ ପରିବାର ଲୋକଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

### ଶତାୟୁ ବ୍ୟକ୍ତିଙ୍କ ପରଲୋକ

ଖଣ୍ଡପଡ଼ା,୯।୯
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ବାପୁଜୀ ନଗରସ୍ଥିତ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଲକ୍ଷ୍ମୀଧର ପଟ୍ଟନାୟକ ଓରଫ ଉତ୍ସବ ପଟ୍ଟନାୟକ(୧୦୪)ଙ୍କ ତାଙ୍କ ବାସଭବନରେ ଶନିବାର ପୂର୍ବାହ୍ନରେ



ପରଲୋକ ହୋଇ ଯାଇଛି । ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ପୀଡ଼ିତ ଥିଲେ । ସେ ଜଣେ ପରୋପକାରୀ, ବନ୍ଧୁ ବତ୍ସଳ ଓ ଧର୍ମ ପରାୟଣ ବ୍ୟକ୍ତିଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ଶେଷ ଦର୍ଶନ ପାଇଁ ବହୁ ଆତ୍ମୀୟ ସ୍ୱଜନ ଓ ବନ୍ଧୁଙ୍କ ସମାଗମ ହୋଇଥିଲେ । ସ୍ଥାନୀୟ ମହାନଦୀ କୂଳ ଶଙ୍ଖତୋଟା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଏକମାତ୍ର ପୁଅ ମିହିର ରଞ୍ଜନ ମୁଖାଗ୍ନି ଦେଇଥିଲେ ।

### ମହିଳାଙ୍କ ବେକରୁ ଝାମ୍ପିନେଲେ ମଙ୍ଗଳସୂତ୍ର

ଗୋପାଳପୁର,୯।୯ (ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା କନିଷି ସନ୍ନିକଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରୁ ଏକ ବାଇକ ଦୁଇଜଣ ଯୁବକ ଜଣେ ମହିଳାଙ୍କ ବେକରୁ ୨ ତୋଳା ଓଜନର ମଙ୍ଗଳ ସୂତ୍ର ଝାମ୍ପି ନେଇଥିବା ଅଭିଯୋଗ ହୋଇଛି। ଶ୍ରୀକାକୁଲମ ଜିଲା କାବଟି ଥାନା ଅନ୍ତର୍ଗତ ବାଇରୁଡ୍ଡୁ କଦୁରୁର କେ କଲ୍ୟାଣୀ ଓ ତାଙ୍କ ଭାଇ ବାଇକ୍‌ରେ ଗୋପାଳପୁର ଥାନା ଅନ୍ତର୍ଗତ ବକ୍ସିପଲ୍ଲିରୁ ଗ୍ରାମକୁ ଫେରୁଥିବା ବେଳେ କନିଷି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ ଅଭିଯୁକ୍ତମାନେ ପଛପଟୁ ମହିଳାଙ୍କ ମଙ୍ଗଳସୂତ୍ର ଝାମ୍ପି ନେଇ ଚମ୍ପଟ ମାରିଥିଲେ।

# ହସ୍ତଶିଳ୍ପ ସାମଗ୍ରୀକୁ ଶିଳ୍ପ ବିଭାଗର ସ୍ୱୀକୃତି ମିଳୁନି







କଣ୍ଟିଲୋ କଂସା ପିତ୍ତଳ କାରିଗରମାନଙ୍କ ଦ୍ୱାରା ନିର୍ମାଣ ହୋଇଥିବା ସୌଖୀନ ସାମଗ୍ରୀ ।

ଖଣ୍ଡପଡ଼ା,୯।୯(ଅଜୟ କୁମାର ମହାରଣା)

- ହସ୍ତଶିଳ୍ପ ପ୍ରଦର୍ଶନୀରେ ଚାହିଦା ରହିଛି
- ଦେଶ ବିଦେଶରେ ଭଲ ବିକ୍ରି ହେଉଛି

ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶିକା, ନିର୍ଦ୍ଦେଶକ କଣ୍ଟିଲୋ ଅଞ୍ଚଳକୁ ବିଭିନ୍ନ ସମୟରେ ପରିଦର୍ଶନରେ ଆସି କଂସା ପିତ୍ତଳ କାରିଗରମାନଙ୍କ ଶାଳ ଓ ସେମାନଙ୍କ କାର୍ଯ୍ୟଶୈଳୀ ବୁଲି ଦେଖିଛନ୍ତି। ତମ୍ବା ଓ ପିତ୍ତଳ ଚଦର(ସିଟ୍)ରେ ପ୍ରସ୍ତୁତ ସୌଖିନ ସାମଗ୍ରୀ ଦେଖି ପ୍ରଶଂସା କରିଛନ୍ତି। ତେବେ ଉପରୋକ୍ତ ସାମଗ୍ରୀ ରାଜ୍ୟ ଶିଳ୍ପ ବିଭାଗର ସ୍ୱୀକୃତି ପାଇନାହିଁ। ଏପରିକି ବିଭିନ୍ନ ହସ୍ତଶିଳ୍ପ ତାଲିକାରେ କଣ୍ଟିଲୋର ଉପରୋକ୍ତ ସାମଗ୍ରୀ ତାଲିକାଭୁକ୍ତ ହୋଇ ନାହିଁ। ଏହାକୁ ନେଇ କଣ୍ଟିଲୋ ହସ୍ତଶିଳ୍ପୀ କାରିଗରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, କଣ୍ଟିଲୋ ହସ୍ତଶିଳ୍ପୀ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସୌଖୀନ ସାମଗ୍ରୀର ରାଜ୍ୟ, ଅନ୍ୟ ରାଜ୍ୟ ସହିତ ଦେଶ ବିଦେଶରେ ଚାହିଦା ରହିଛି। ଉପରୋକ୍ତ ସାମଗ୍ରୀ ବିକାଶ ଦିଗରେ ପ୍ରୟାସ କରାଯିବ ବୋଲି ବିଭାଗୀୟ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ପ୍ରକୃତରେ କାର୍ଯ୍ୟକାରି ହେଉ ନ ଥିବାରୁ କାରିଗରମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । କଣ୍ଟିଲୋ ଏକଦା କଂସା ପିତ୍ତଳ ବାସନ ଶିଳ୍ପ ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଥିଲା । ମାତ୍ର କଞ୍ଚାମାଲର ଅଭାବ ସାଙ୍ଗକୁ ଉତ୍ପାଦିତ ସାମଗ୍ରୀର ବଜାର ଚାହିଦା କ୍ରମଶଃ ହ୍ରାସ ପାଉଥିବା କାରଣରୁ କଂସା ପିତ୍ତଳ କାରିଗରମାନେ ନିଜର କୌଳିକ ବୃତ୍ତି ହରାଇ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ବୃତ୍ତିକୁ ଚାଲି ଯାଉଥିବାରୁ ଏ ଶିଳ୍ପରେ ଅଚଳାବସ୍ଥା ସୃଷ୍ଟି ହୋଇଛି । ମାତ୍ର କେତେଜଣ କାରିଗରଙ୍କ ଦ୍ୱାରା ତମ୍ବା ଓ ପିତ୍ତଳ ଚଦର(ସିଟ୍)ରେ ବିଭିନ୍ନ ସୌଖିନ ଓ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ ହେଉଛି । ଏହି କାରିଗରମାନେ ଅକ୍ଳାନ୍ତ ପରିଶ୍ରମ କରି ଯେପରି ଭାବେ ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦନ କରୁଛନ୍ତି ତାହା ସରକାରଙ୍କ ଦୃଷ୍ଟିକୁ ଆସିବାର ଆବଶ୍ୟକତା ରହିଛି ବୋଲି କାରିଗର ଅଖିଳ କୁମାର ମହାପାତ୍ର, ସରୋଜ କୁମାର ମହାରଣା, ମାୟାଧର ସାହୁ, ପ୍ରତାପ କୁମାର ମହାରଣା, ପବିତ୍ର କୁମାର ମହାରଣା, ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ କହିଛନ୍ତି। ଅପରପକ୍ଷେ କାରିଗରମାନଙ୍କ ଶାଳଘର, ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ପିଲାମାନଙ୍କ ଶିକ୍ଷାର ବିକାଶ ଉପରେ ଶିଳ୍ପ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ ରହିଛି ବୋଲି କାରିଗରମାନେ କହିଛନ୍ତି । କଣ୍ଟିଲୋ ନାରାୟଣୀ ଲୌହଭତ୍ତର ଧାତୁଶିଳ୍ପ ସମବାୟ ସମିତିର ସମ୍ପାଦକ ଶରତ ଚନ୍ଦ୍ର ମହାରଣା ଓ ନୟାଗଡ଼ ଜିଲା ଶିଳ୍ପୀ ମହାସଂଘର ସଭାପତି ତଥା ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃର ସଭାପତି ଦଣ୍ଡପାଣି ସାହୁ କହିଛନ୍ତି, କଣ୍ଟିଲୋକୁ ପରିଦର୍ଶନରେ ଆସୁଥିବା ଶିଳ୍ପ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ କାରିଗରମାନଙ୍କ ଦ୍ୱାରା ନିର୍ମିତ ସାମଗ୍ରୀ ଦେଖାଇବା ସହ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ । ବାରମ୍ବାର ଦାବି ପରେ ଶିଳ୍ପ ବିଭାଗ ପକ୍ଷରୁ କଣ୍ଟିଲୋଠାରେ ଏକ ରମେଟେରିଆଲ ବ୍ୟାଙ୍କ ପ୍ରତିଷ୍ଠା କରାଯାଇଛି । ହେଲେ ଉପରୋକ୍ତ ହସ୍ତଶିଳ୍ପ ସାମଗ୍ରୀ ରାଜ୍ୟ ସରକାରଙ୍କ ଦ୍ୱାରା ଆଜିଯାଏ ସ୍ୱୀକୃତି ପାଇନାହିଁ । ଏ ସମ୍ପର୍କରେ ଉଚ୍ଚ ପଦାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ହେଲେ ସେଥିରେ କୌଣସି ସଫଳତା ମିଳିନାହିଁ । ଦେଶର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ସ୍ଥାନୀୟ କାରିଗରମାନଙ୍କ ଦ୍ୱାରା ନିର୍ମିତ ଦେବାଦେବୀ ମନ୍ଦିର ସାଜସଜା, ବିବାହ ବନ୍ଦାପନା ଓ ଘରକରଣା ସହିତ ଅନେକ ସୌଖୀନ ସାମଗ୍ରୀ ବିକ୍ରି ହେଉଛି । ଶିଳ୍ପ ବିଭାଗ ପକ୍ଷରୁ ଗୁରୁ-ଶିଷ୍ୟ ପରମ୍ପରା ତାଲିମ କାର୍ଯ୍ୟକ୍ରମରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି । ଅନେକ ଯୁବକ କେବଳ ଷ୍ଟାଇପେଣ୍ଡ ଅର୍ଥ ପାଇଁ ସେମାନଙ୍କ ନାମ ତାଲିକା ଭୁକ୍ତ କରାଇ କାଗଜପତ୍ରରେ ତାଲିମ ପାଇଛନ୍ତି । ହେଲେ ଏହି ତାଲିମ ଦ୍ୱାରା ନୂତନ କାରିଗରର ସୃଷ୍ଟି ହେଉ ନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

# ଅବହେଳିତ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଖଣ୍ଡପଡ଼ା,୯।୯
(ଅଜୟ କୁମାର ମହାରଣା)



ଖଣ୍ଡପଡ଼ା ବ୍ଲକ ଅଧୀନ ପୁରୁଣା ଗଡ଼ିଆସାହି ଗ୍ରାମର ଜନବସତିକୁ ଲାଗି ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର ଓ ଉଚ୍ଚଶକ୍ତି ସମ୍ପନ୍ନ ୧୧ କେଭି ବିଦ୍ୟୁତ ଖୁଣ୍ଟ । ବହୁ ଦିନ ହେବ ତାହା ଖୋଲାରେ ରହିଛି। ଏହାର ଚାରିପାଖରେ କୌଣସି ସୁରକ୍ଷା ବାଡ଼ ନାହିଁ । ଏପରି କି ରକ୍ଷଣାବେକ୍ଷଣ କରାଯାଉନାହିଁ । ଫଳରେ ବିଦ୍ୟୁତ ଟ୍ରାନ୍ସଫର୍ମର ଓ ଖୁଣ୍ଟି ଉପରେ ଅନାବନା ଗଛଲତା ମାଡ଼ି ଚାଲିଛି । ସେହି ଅନାବନା ଗଛଲତାକୁ ହଟାଇବା ପାଇଁ ଗ୍ରାମର ବାସିନ୍ଦା ଖଣ୍ଡପଡ଼ା ବିଦ୍ୟୁତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନାହିଁ । ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ ଖୁଣ୍ଟ ଓ ଟ୍ରାନ୍ସଫର୍ମର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୃହପାଳିତ ପଶୁମାନେ ଚଳପ୍ରଚଳ କରୁଛନ୍ତି । ଯଦି ସେମାନେ ଏହି ଗଛଲତା ଖାଇବା ପାଇଁ ଟ୍ରାନ୍ସଫର୍ମର ପାଖକୁ ଯାଆନ୍ତି କୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ପ୍ରକାଶ ପାଉଛି । ଏଥିପ୍ରତି ଟିପିସିଓଡିଏଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପୁରୁଣା ଗଡିଆସାହି ବାସିନ୍ଦା ଦାବି କରିଛନ୍ତି ।

# ଲୋକ ନୋଡ଼ାଲ ବିଦ୍ୟାପୀଠରେ ସ୍ୱଚ୍ଛତା ପକ୍ଷ ପାଳିତ




ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ।

ଶରଣକୁଳ,୯।୯(ଦୀପକ କର)

ଶନିବାର ଶରଣକୁଳ ନିକଟବର୍ତ୍ତୀ ପଞ୍ଚିରିଡ଼ା ମାନପୁର ଗ୍ରାମରେ ଥିବା ଲୋକ ନୋଡ଼ାଲ ବିଦ୍ୟାପୀଠରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱଚ୍ଛତା ଉପରେ ଏକ ସଚେତନତା ଶୋଭଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ୍ୟ ନାରାୟଣ ରଣସିଂହଙ୍କ ପୌରୋହିତ୍ୟରେ ସାମୁହିକ ସ୍ୱଚ୍ଛତା ଉପରେ ଶପଥ ପାଠ କରାଯାଇଥିଲା। ଶିକ୍ଷକ ମନୋରଞ୍ଜନ ରାଉତଙ୍କ ନେତୃତ୍ୱରେ ଆୟୋଜିତ ସଚେତନତା ଶୋଭଯାତ୍ରା ବିଦ୍ୟାଳୟରୁ ବାହାରି ପଞ୍ଚିରିଡ଼ା ମାନପୁର ଗ୍ରାମର ନୂଆସାହି, ମଝିସାହି ଓ ତଳସାହି ପରିକ୍ରମା କରିଥିଲା। ଶୋଭାଯାତ୍ରା ଶେଷ ପରେ ହାତଧୂଆ ଦିବସ ପାଳନ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ସ୍ୱଚ୍ଛତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱଚ୍ଛତା ଚିତ୍ରାଙ୍କନ, ସ୍ୱଚ୍ଛତା ପ୍ରବନ୍ଧ ଲିଖନ ଓ ସ୍ୱଚ୍ଛତା ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ଆରାଧନା ଗୌଡ଼ ଓ ଶିକ୍ଷକ ମାନସ ରଞ୍ଜନ ସାହୁ, ଶିକ୍ଷକ ବସ୍ତୁ ପ୍ରଧାନ, ଚିନ୍ତାମଣି ମହାରଣା, ଶିକ୍ଷୟିତ୍ରୀ ରୋଜାଲିନ ପଟ୍ଟନାୟକ, ମନୋରଞ୍ଜନ ରାଉତ, ଅଶୋକ କୁମାର ମହାପାତ୍ର, କୃପାସିନ୍ଧୁ ମିଶ୍ର, ରମେଶ କୁମାର ମହାନ୍ତି, ଶୁଭେନ୍ଦୁ କୁମାର ପରିଡ଼ା, ମାଳତୀ ଦେଈ, ମାଳତୀ ବେହେରା, ଜଗନ୍ନାଥ ବାରିକ, ଭବାନୀ ବାଘ, ରୁନି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ଡ.ସୁରେଶ ଚନ୍ଦ୍ର ବରାଡ଼ ସଂଯୋଜନା କରିଥିଲେ।

# ରାଜ୍ୟସ୍ତରୀୟ ବ୍ରିଜ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ବ୍ରିଜ୍ ଟୁର୍ନାମେଣ୍ଟକୁ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରୁଛନ୍ତି ।

ନୟାଗଡ଼,୯।୯(ଲୋକନାଥ ମିଶ୍ର)

ଓଡ଼ିଶା ବ୍ରିଜ ଆସୋସିଏଶନ ଓ ନୟାଗଡ଼ କେସି କ୍ଲବର ମିଳିତ ଆନୁକୂଲ୍ୟରେ ୨ଦିନିଆ ବ୍ରିଜ ଟୁର୍ନାମେଣ୍ଟ କେସି କ୍ଲବରେ ଶନିବାର ଉଦ୍‌ଘାଟିତ ହୋଇଛି। ଏହି ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ଉଦଘାଟନ କରିଥିଲେ। ଖବରଦାତା ରାମକୃଷ୍ଣ ରଥଙ୍କ

**କେସି କ୍ଲବ**

ସଂଯୋଜନାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ନୟାଗଡ଼ ବ୍ଲକ ଅଧକ୍ଷ କିଶୋର ସାହୁ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, କ୍ଲବର ସଭାପତି ଭାଗିରଥି ଦାସ, ସମ୍ପାଦକ ସଂଗ୍ରାମ କେଶରୀ ଗୁମାନ ସିଂ, ସାମାଜିକ କର୍ମୀ ରାଧେଶ୍ୟାମ ମାହାତୋ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟସ୍ତରୀୟ ବ୍ରିଜ ଟୁର୍ନାମେଣ୍ଟରେ ଅନୁଗୋଳ, ରାଉରକେଲା, ବେଲପାହାଡ, ଭୁବନେଶ୍ୱର, କଟକ, ନୟାଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବୌଦ୍ଧ ଆଦି ଜିଲାରୁ ୧୨ଟି ଦଳ ଯୋଗ ଦେଇଥିଲେ । ମ୍ୟାଚକୁ ଓଡ଼ିଶା ବ୍ରିଜ ଆସୋସିଏଶନର ଡାଇରେକ୍ଟର ଭୀମସେନ ପ୍ରଧାନ, ରାଜ୍ୟ ବ୍ରିଜ ଆସୋସିଏଶନ ସମ୍ପାଦକ ତାପସ ବିଶ୍ୱାଳ ପରିଚାଳନା କରିଥିଲେ। ରବିବାର ମ୍ୟାଚ୍ ଉଦଯାପିତ ହେବ ବୋଲି ସୂଚନା ମିଳିଛି ।

### ସମୁଦ୍ର ମୁହାଣରେ ଛାତ୍ର ନିଖୋଜ

ଗୋପାଳପୁର,୯।୯(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଅଧୀନ ସୁନାପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ସୁନାପୁର ବେଳାଭୂମିକୁ ଶନିବାର ସନ୍ଧ୍ୟାରେ ବୁଲିବାକୁ ଯାଇ ମୁହାଣରେ ଭିଟମ କଲେଜର ଜଣେ ବି-ଟେକ ଦ୍ୱିତୀୟ ବର୍ଷ ଛାତ୍ର ନିଖୋଜ ହୋଇଥିବା ଜଣାପଡିଛି। ସେ ହେଲେ ହିଞ୍ଜିଳିକାଟୁ ଅଞ୍ଚଳର ଶକ୍ତିପ୍ରସାଦ ମହାରଣା। ଗୋଳନ୍ଥରା ଥାନା ଅନ୍ତର୍ଗତ ଭିଟମ କଲେଜର ୭ଜଣ ଛାତ୍ର ଶନିବାର ସୁନାପୁର ବେଳାଭୂମି ବୁଲିବା ପାଇଁ ଯାଇଥିଲେ। ସମୁଦ୍ର ମୁହାଁଣରେ ଗାଧୋଉଥିବା ବେଳେ ଶକ୍ତି ପ୍ରସାଦ ହଠାତ ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ ପତ୍ତା ପାଇନଥିଲେ। ଛାତ୍ରମାନେ ସୁନାପୁର ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଓ କନିସି ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ ପତ୍ତା ପାଇ ନଥିବା ଜଣାପଡିଛି।

# ଚୋରି ସାମଗ୍ରୀ ଉଦ୍ଧାର, ୫ କୋର୍ଟ ଚାଲାଣ

କବିସୂର୍ଯ୍ୟନଗର,୯।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଥାନା ପୁରୁଷୋତ୍ତମପୁର ମୋରାବାଇ ନିର୍ମଳ ସାହୁଙ୍କ ଘରୁ ଚୋରି କରିବା ଅଭିଯୋଗରେ ପୋଲିସ ଶନିବାର ୫ ଜଣକୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଶେରଗଡ଼ ବ୍ଲକ ବରମୁଣ୍ଡୁଳି ଗ୍ରାମର ଯୋଗେଶ ଯାନୀ, ବାପା ପ୍ରଫୁଲ ଯାନୀ, ମା ବାଉଁରାଣୀ ଯାନୀ, ମାଉସୀ ରଶ୍ମିତା ନାୟକ ଓ ମାଇଁ। ନିର୍ମଳ ସାହୁଙ୍କ ଘରେ ଦୀର୍ଘ ୫ବର୍ଷ ହେଲା ଶେରଗଡ଼ର ବରମୁଣ୍ଡୁଳି ଗ୍ରାମର ଯୋଗେଶ କାମ କରୁଥିଲେ। ନିର୍ମଳଙ୍କ ମା'ଙ୍କ ସେବାରେ ବିଶେଷ ନିୟୋଜିତ ଥିଲା । ଗତ ୫ତାରିଖରେ ଯୋଗେଶ ତାଙ୍କ ଅଲମିରାରୁ ୧୭ଲକ୍ଷ ଟଙ୍କା, ରୁପା ପ୍ରାୟ ୫କେଜି ଚୋରି କରି ନେଇଯାଇଥିଲା । ଏନେଇ ନିର୍ମଳ ସାହୁ ଥାନାରେ ଏତଲା ଦେଇଥିଲେ। କବିସୂର୍ଯ୍ୟନଗର ପୋଲିସ ଶନିବାର ଚୋରି ହୋଇଥିବା ୭ଲକ୍ଷଟଙ୍କା ସହ ରୁପା ସାମଗ୍ରୀ ଜବତ କରି ନିର୍ମଳ ସାହୁଙ୍କୁ ହସ୍ତାନ୍ତର କରିଛି।

# ନୂଆଗାଁ ବ୍ଲକ କ୍ରୀଡ଼ା ସମୂହର ଭଲିବଲ ଟୁର୍ନାମେଣ୍ଟ

ନୂଆଗାଁ,୯।୯ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବିଦ୍ୟାଳୟ ସମୂହ କ୍ରୀଡା ସଙ୍ଗଠନର ଭଲିବଲ ପ୍ରତିଯୋଗିତା ଶନିବାର ମହିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ନୂଆଗାଁ ବ୍ଲକର ୧୪ ସ୍କୁଲର ୨୫ ଜଣ କ୍ରୀଡାବିତ୍ ଅଂଶ ଗ୍ରହଣ କରିଥିଲେ । ପ୍ରତିଯୋଗିତାକୁ ମହିପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯୋଜନାଗନ୍ଧା ଖିଲାର କ୍ରୀଡାବିତ୍‌ମାନଙ୍କ ସହିତ କରମର୍ଦ୍ଦନ କରିଥିଲେ । ଅଫିସିଆଲ ଭାବେ ବିରଞ୍ଚି ନାରାୟଣ ବେହେରା , କୃଷ୍ଣଚନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ଦାସ, ପରମାନନ୍ଦ ପରିଡା, ପ୍ରତାପ କେଶରୀ ମହାନ୍ତି, ସୁରଥ ସ୍ୱାଇଁ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ ।



ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ।

# ୯ଲକ୍ଷ ୨ହଜାର ୫୯ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

ପାରଳାଖେମୁଣ୍ଡି,୯।୯(ଗିରିଧାରୀ ପରିଚ୍ଛା):

ଗଜପତି ଜିଲାରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧୀକରଣ ତରଫରୁ ଅନୁଷ୍ଠିତ ଲୋକ ଅଦାଲତରେ ଜିଲ୍ଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରାଧୀକରଣ ସଚିବ ରବିନାରାୟଣ ବେହେରା ସହଯୋଗ କରିଥିଲେ। ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ସୁବ୍ରତ ମହାନ୍ତି, ଅତିରିକ୍ତ ଜିଲାଜଜ ପ୍ରଦୀପ କୁମାର ସାମଲ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନରୋତ୍ତମ ସେଠୀ, ସବଜଜ୍ ସନ୍ତୋଷ କୁମାର ଅଗ୍ରୱାଲ, କୋର୍ଟ ରେଜିଷ୍ଟ୍ରାର ସତ୍ୟବ୍ରତ ରାଣା, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରିଣୀ ବିଷ୍ଣୁପ୍ରିୟା ସାମନ୍ତରାୟ ପ୍ରମୁଖ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ।

ସେହିପରି ଆର.ଉଦୟଗିରି କୋର୍ଟରେ ସବଜଜ୍ ପୁଣ୍ୟଶ୍ଳୋକ ରଥ,



ଲୋକ ଅଦାଲତରେ ମାମଲାର ବିଚାର ଚାଲିଛି ।

ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ତରୁଣ କୁମାର ସେଠି, ମୋହନା କୋର୍ଟ ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରୀ ଶୁଭ୍ରଜିତ ବେହେରା ଓ କାଶୀନଗର ଗ୍ରାମ ନ୍ୟାୟାଳୟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରିଣୀ ଅଙ୍କିତା ଗୁରୁ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ । ସମୁଦାୟ ୭୬୦ କେସ ବିଚାରକୁ ନିଆଯାଇ ୧୦୩ଟି ମାମଲାର ତ୍ୱରିତ ସମାଧାନ କରାଯାଇ ୯ ଲକ୍ଷ ୨ ହଜାର ୫୯ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଉପସ୍ଥିତ ବ୍ୟାଙ୍କମାନେ ୬୧୮କେସରୁ ୫୯ଟି ସମାଧାନ କରି ୫୨୬୦୫୯ ଟଙ୍କା ଜରିମାନା ଆଦାୟ କରିଥିଲେ ।

# ନୟାଗଡ଼ରୁ ନିଶ୍ଚିହ୍ନ ହେବାକୁ ବସିଛି ଚିନିକଳ

ନୟାଗଡ଼ ଅଫିସ,୯।୯

ନୟାଗଡ଼ର ପାଣିପୋଇଲାସ୍ଥିତ ଚିନିକଳକୁ ଜାଣିଶୁଣି ଚୋର ହାତକୁ ଟେକି ଦେଲା ପ୍ରଶାସନ। ଚିନିକଳରୁ ବିଭିନ୍ନ ଯନ୍ତ୍ରାଂଶ ବାରମ୍ବାର ଚୋରି ହେଉଥିବାବେଳେ ପ୍ରଶାସନ ଆଖି ବୁଜି ଦେଇଥିଲା । ୪ ବର୍ଷ ଧରି ଏପରି ଚୋରି ଲାଗି ରହିଛି। ଚିନିକଳର ସୁରକ୍ଷା ସଂକ୍ରାନ୍ତରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ୨୦୨୧ ଜାନୁୟାରୀରେ ଚେଇଁ ଶୋଇଥିବା ନୟାଗଡ଼ ଜିଲା ପ୍ରଶାସନ ଜାଗି ଉଠିଥିଲା। ତତ୍‌କାଳୀନ ଜିଲାପାଳ ପୋମା ଟୁଡୁ, ଏସ୍‌ପି ସିଦ୍ଧାର୍ଥ କଟାରିଆ ଓ ଡିଏଫ୍‌ଓ ଏଚ.ଡି. ଧନରାଜ ଅଚାନକ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ କହିଥିଲେ । ଚିନିକଳରୁ ଚୋରି ରୋକିବାକୁ ଚିନିକଳ ପରିସରରେ ସିସିଟିଭି କ୍ୟାମେରା ଲଗାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ୨୧ ହଜାର ବ୍ୟୟରେ ସିସିଟିଭି ଲାଗିଥିଲା । ସେହିପରି ଚିନିକଳକୁ ପଡିଥିବା ସମସ୍ତ ରାସ୍ତା ବନ୍ଦ କରି କେବଳ ଗୋଟିଏ ରାସ୍ତା ରହିଥିଲା। ପୁଣି ଚିନିକଳ ପରିସର ଆଲୋକିତ ହୋଇଥିଲା । କେତେଜଣ ହୋମଗାର୍ଡ ମନଇଚ୍ଛା ଆସି ସୁରକ୍ଷା ଦେଇଥିଲେ । କିଛି ମାସ ପରେ ସୁରକ୍ଷା ଢ଼ିଲା ହୋଇଗଲା । ସିସିଟିଭି ଚୋରି ହୋଇଗଲା । ସଂପୃକ୍ତ ଅଧିକାରୀଙ୍କ ବଦଳି ହୋଇଗଲା । ଚୋରଙ୍କୁ ପୁଣି ଅଧିକ ସୁଯୋଗ ମିଳିଲା । ସୂଚନାଯୋଗ୍ୟଯେ, ୧୯୯୮ରେ ସ୍ଥାପିତ ଏହି ଚିନିକଳରେ ୨୦୧୫ରୁ ତାଲା ଝୁଲୁଛି ।


ଦୀର୍ଘଦିନ ବନ୍ଦ ପଡ଼ିବା ପରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ନୟାଗଡ଼ ଚିନିକଳ ।

**ବୁଡ଼ିଗଲା ବ୍ୟାଙ୍କ ଋଣ, ଆଖୁଚାଷୀଙ୍କ ପ୍ରାପ୍ୟ :** ଚିନିଶିଳ୍ପ ଉପରେ ୩ଟି ବ୍ୟାଙ୍କର ୨୫ କୋଟି ଟଙ୍କା ଋଣ ରହିଛି । ସେହିପରି ଆଖୁଚାଷୀଙ୍କ ପ୍ରାପ୍ୟ ୪କୋଟି ଟଙ୍କା, ଶ୍ରମିକ ଓ କର୍ମଚାରୀଙ୍କ ମଜୁରୀ ବାବଦରେ ୬କୋଟି ଟଙ୍କା ବାକି ଅଛି । ଏଭଳିସ୍ଥଳେ ଚିନିକଳକୁ ପ୍ରଶାସନ ସୁରକ୍ଷା ଦେଇ ନ ପାରିବାରୁ ଆଖୁଚାଷୀ, ଚିନିକଳ ଶ୍ରମିକ ଓ କର୍ମଚାରୀ ଓ ବ୍ୟାଙ୍କ ସେମାନଙ୍କ ଟଙ୍କା କେମିତି ପାଇବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ନୟାଗଡ଼ ଚିନିକଳ କୋର୍ଟ କଚେରୀରେ ଫସି ରହିଛି । ନୟାଗଡ଼ ସୁଗାର ଫ୍ୟାକ୍ଟ୍ରି ୧୪୭୧କୋଟି ଟଙ୍କାର କ୍ଷତିପୂରଣ ସରକାରଙ୍କଠାରୁ ଦାବି କରିଥିବା ନିକଟରେ ସମବାୟ ମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ। ଏ ବାବଦ ମାମଲା କ'ଣ ହେଲା ଜଣାପଡ଼ି ନାହିଁ । ସୂଚନାଯୋଗ୍ୟ, ୨୦୨୦ ମାର୍ଚ୍ଚ ୧୨ରେ ଜିଲା ପ୍ରଶାସନ ଚିନିକଳର ଆକଳନ କରି ସିଲ୍ କରିଥିଲା । ସିଲ୍ ପରେ ସୁରକ୍ଷାକୁ ଆଦୌ ଧ୍ୟାନ ଦେଇ ନ ଥିବାରୁ ଚିନି କଳ ଧ୍ୱଂସ ପାଇବାକୁ ବସିଛି । ନୟାଗଡ଼ ପୁଣି ଶିଳ୍ପ ବିହିନ ଜିଲାରେ ପରିଣତ ହୋଇଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହାକୁ ନେଇ ରାଜନୀତି ଜୋର ଧରିଛି । ତଥାପି ନୟାଗଡ଼ରେ ଆଉ ଏକ ଚିନିଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆ ଯାଇନାହିଁ।

- ଯନ୍ତ୍ରାଂଶ ଚୋରି ପାଇଁ ସୁଯୋଗ ଦେଲେ
- ସିଲ୍ ପରେ ସୁରକ୍ଷା ଦେଲାନି ପ୍ରଶାସନ
- ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ସୁରକ୍ଷା ବ୍ୟବସ୍ଥା ଢ଼ିଲା
- ସିସିଟିଭିକୁ ବି ନେଇଗଲେ

# ସମ୍ପୂର୍ଣ୍ଣ ହେବା ଆଗରୁ ଫାଟିଲାଣି ମିଶନ ଶକ୍ତି ଘର


ଘର ନିର୍ମାଣ ସରିଛି, ଶୌଚାଳୟରେ ପାଣି ଟାଙ୍କି ସଂଯୋଗ ହୋଇନି।


କାମ ସରିବା ପୂର୍ବରୁ କାନ୍ଥ ଫାଟି ପ୍ଲାଷ୍ଟର ଖସି ଯାଇଛି ।

ନୂଆଗାଁ,୯।୯(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଅସମ୍ପୂର୍ଣ୍ଣ ମିଶନ ଶକ୍ତି ଗୃହକୁ ମିଶନ ଶକ୍ତି ବିଭାଗକୁ ହସ୍ତାନ୍ତର କରାଯାଇଛି । ସେଥିମଧ୍ୟରୁ କୌଣସି ଗୃହ ବ୍ୟବହାର ହେଉନାହିଁ । ଫଳରେ ମହିଳାମାନେ କେଉଁଠି ପଞ୍ଚାୟତ ଘରେ ତ ଆଉ କେଉଁଠି କାହା ବାରଣ୍ଡାରେ ବସି ସଭା ସମିତି କରୁଛନ୍ତି। ସିଙ୍ଗାରପଲି ପଞ୍ଚାୟତ ମିଶନ ଶକ୍ତି ଗୃହଟି ସମ୍ପୂର୍ଣ୍ଣ ହୋଇ ନ ଥିଲେ ମଧ୍ୟ ତାହାକୁ ଉଦ୍‌ଘାଟନ କରାଯାଇଛି । ହେଲେ ତାହା କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି ।

ମହିଳାମାନେ ଏକତ୍ର ହେବା ପାଇଁ ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ ଲାଗି ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ନୂଆଗାଁ ବ୍ଲକର ୨୨ ପଞ୍ଚାୟତ ମଧ୍ୟରୁ ଅଦ୍ୟାବଧି ୧୭ ମିଶନ ଶକ୍ତି ଗୃହ ସମ୍ପୃକ୍ତ ବିଭାଗକୁ ବ୍ଲକ ପ୍ରଶାସନ ହସ୍ତାନ୍ତର କରିଛି । କାପ୍ତାପଲି ପଞ୍ଚାୟତର ମିଶନ ଶକ୍ତି ଗୃହକୁ ଛାଡି ଦେଲେ ଅନ୍ୟ ସମସ୍ତ ଗୃହ ଅସମ୍ପୂର୍ଣ୍ଣ ହୋଇ ରହିଛି । ଏଥିପାଇଁ କୌଣସି ଗୃହ କାମରେ ଲାଗି ପାରୁନି । ଅଧିକାଂଶ ଗୃହରେ ବିଦ୍ୟୁତ୍ ସଂଯୋଗ , ପାନୀୟ ଜଳର ଅଭାବ ସହ ଶୌଚାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନାହିଁ । ସିଙ୍ଗାରପଲି ମିଶନ ଶକ୍ତି ଗୃହର ନିର୍ମାଣ କାର୍ଯ୍ୟ ନ୍ୟୁନମାନର ହୋଇଥିବାରୁ ଘର କାନ୍ଥରେ ଫାଟ ସୃଷ୍ଟି ହେବା ସହ ପ୍ଲାଷ୍ଟର ଛାଡ଼ି ଗଲାଣି। ଶୌଚାଳୟରେ ଆନୁସଙ୍ଗିକ ସାମଗ୍ରୀ ଲାଗି ନାହିଁ । ଏପରି କି ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ବେଳେ ପାଣିର ବ୍ୟବସ୍ଥା କରାଯାଇ ନାହିଁ। ଏତେସବୁ ସମସ୍ୟା ମଧ୍ୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ୨୦୨୧ ଡିସେମ୍ବର ୨୦ରେ ସେହି ଅସମ୍ପୂର୍ଣ୍ଣ ଗୃହର ଉଦ୍‌ଘାଟନ କରାଯାଇଥିଲା । ହେଲେ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ କିମ୍ବା କାମରେ ଲାଗି ପାରି ନାହିଁ । ଏ ବାବଦରେ ନୂଆଗାଁ ବ୍ଲକ ମିଶନ ଶକ୍ତି ସଂଯୋଜକ ଦିଲୀପ କୁମାର ନାୟକଙ୍କୁ ପଚାରିବାରେ ହସ୍ତାନ୍ତର ହୋଇଥିବା ଗୃହରେ ଅନେକ ସମସ୍ୟା ରହିଥିବାରୁ ସେଗୁଡିକ ବ୍ୟବହାର କରିବା ସମ୍ଭବ ହେଉ ନ ଥିବା କହିଛନ୍ତି । ନୂଆଗାଁ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ମୁଁ ମିଶନ ଶକ୍ତି ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବି। ଯାହା ସମସ୍ୟା ଅଛି ସେଥିରେ ସୁଧାର ଆଣିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି ।

- କାମ ସରିବା ପୂର୍ବରୁ ଉଦ୍‌ଘାଟନ ହୋଇଥିଲା
- ସିଙ୍ଗାରପଲି ମିଶନ ଶକ୍ତି ଗୃହର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- କାମରେ ଆସୁନି ନିର୍ମାଣ ହୋଇଥିବା ଘର

## ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଯୁବକ ଗୁରୁତର

ନୟାଗଡ଼ ଅଫିସ,୯।୯

ଦଶପଲ୍ଲା ବ୍ଲକ ପଥରପୁଞ୍ଜି ଗାଁର ମାନସ ନାୟକ(୩୨) ନାମକ ଜଣେ ଯୁବକ ବିଦ୍ୟୁତ୍ ଖୁଣ୍ଟରୁ ପଡି ଗୁରୁତର ହୋଇଛନ୍ତି । ମାନସଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ମାନସ କାହିଁକି ରାତିରେ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିଲେ ତାହା ତଦନ୍ତ ସାପେକ୍ଷ ବୋଲି ଗ୍ରାମବାସୀ କହିଛନ୍ତି ।

## ପ୍ରାଣୀ ଚିକିତ୍ସା ପାଇଁ ୫ ଆମ୍ବୁଲାନ୍ସ

ନୟାଗଡ଼ ଅଫିସ,୯।୯

ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାର ଉନ୍ନତି ପାଇଁ ନୟାଗଡ଼ ଜିଲାକୁ ୫ଟି ଆମ୍ବୁଲାନ୍ସ ମିଳିଛି । ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓଡ଼ଗାଁ ଓ ରଣପୁର ପୌର ଅଞ୍ଚଳକୁ ଏହି ୫ ଆମ୍ବୁଲାନ୍ସ ଆସିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାକୁ ବିକଶିତ କରିବା ପାଇଁ କଳିଙ୍ଗ ଷ୍ଟାଡିୟମରେ ଆମ୍ବୁଲାନ୍ସ ଯୋଗାଇ ଦେଇଛନ୍ତି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶାନ୍ତନୁ


@ ଅଜୟ


@ ଦୀପକ


@ ଭାଗବତ


@ ସନ୍ତୋଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ଗାଁରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଓଡ଼ଗାଁ,୯।୯(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଦେୱାନୀ ଓ ଫୌଜଦାରୀ ଅଦାଲତରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଅଦାଲତରେ ୩୬୨ ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ମଧ୍ୟରୁ ୧୯ ମାମଲାର ଫଇସଲା କରାଯାଇ ୬ ଲକ୍ଷ ୮୭ ହଜାର ୭ଶହ ଟଙ୍କା ଅସୁଲ ହୋଇଛି । ବୈବାହିକ, ମୋଟର ଯାନ, ଦୁର୍ଘଟଣା ଜନିତ କ୍ଷତିପୂରଣ, ଚେକ୍ ବାଉନ୍ସ ଏବଂ ରାଜସ୍ୱ ମାମଲା ସହିତ ଅନ୍ୟ ୯୮ ମାମଲାରୁ ୪୮ ର ସମାଧାନ ହୋଇଥିଲା । ଲୋକ ଅଦାଲତରେ ଅତିରିକ୍ତ ଜିଲା ଏବଂ ଦୌରାଜଜ କମାନସ ରଞ୍ଜନ ରଥ, ବରିଷ୍ଠ ଦେୱାନୀ ଜଜ ତଥା ସହକାରୀ ଦୌରାଜଜ ଶିବାଶିଷ ଗିରି, ଦେୱାନୀ ବିଚାରପତି ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ହରମୋହନ ଦାସ ଏବଂ ଗ୍ରାମ୍ୟ ନ୍ୟାୟାଧୀକାରୀ ଦେବମାଳିନୀ ଐଶ୍ୱର୍ଯ୍ୟା, ଗ୍ରାମ ନ୍ୟାୟାଧୀକାରୀ ଓଡ଼ଗାଁ ପ୍ରମୁଖ ଉପସ୍ଥିତ ରହି ମାମଲାର ଫୈସଲା କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ



ନୟାଗଡ଼,୯।୯ (ଲୋକନାଥ ମିଶ୍ର)

ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଶନିବାର ନୟାଗଡ଼ ଜିଲା ଲୋକ ଅଦାଲତରେ ୫ ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧୬ ଲକ୍ଷ ୮୫ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ୫୧ ଦେୱାନୀ ମାମଲା ଫଇସଲା କରାଯାଇଛି। ପୁଣି ଏନ୍‌ଆଇ ଆକ୍ଟ କେସ ୬ ଏବଂ ବିବାହଜନିତ ୧୦ ମାମଲା ଫଇସଲା କରାଯାଇଛି। ବ୍ୟାଙ୍କରୁ ଋଣ ନେଇ ପରିଶୋଧ କରି ନ ଥିବା ୧୩୦ ଜଣ ଋଣ ଗ୍ରହୀତାଙ୍କଠାରୁ ୮୦,୬୯, ୫୭୧ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ ହୋଇଛି। ଅନ୍ୟାନ୍ୟ ୯୭ ଫୌଜଦାରୀ ମାମଲା ଫଇସଲା କରାଯାଇ ୨୫୫୦ଟଙ୍କା ଆଦାୟ କରଯାଇଛି ।

ଲୋକ ଅଦାଲତରେ ଜିଲା ଓ ଦୌରା ଜଜ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ସୁବ୍ରତ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲା ଓ ଦୌରା ଜଜ ଲିଲି ସେନାପତି, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ବିଶ୍ୱଜିତ ନାୟକ, ବରିଷ୍ଠ ଦେୱାନୀ ବିଚାରପତି (ଏଲଆରଆଣ୍ଡଏଲଟିଭି) ପବିତ୍ରାନନ୍ଦ ପ୍ରଧାନ, ଉପଖଣ୍ଡ ଫୌଜଦାରୀ ବିଚାରପତି ସୌଭାଗ୍ୟ ରଞ୍ଜନ ପ୍ରଧାନ, ଜେଏମ୍‌ଏଫ୍‌ସି ସାବିତ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ନିଜ ଅଦାଲତ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ଅତିରିକ୍ତ ଜିଲା ଓ ଦୌରା ଜଜ (ପୋକ୍‌ସୋ ) ନିରଞ୍ଜନ ପଣ୍ଡା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୃତିସ୍ନିଗ୍ଧା ଦାସ, ଜିଲା ଆଇନ ସେବାପ୍ରାଧିକରଣ ସଚିବ ବିଶେଷ କୁମାର ସାହୁ, ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ (ମହିଳା ଅଦାଲତ) ରୀନତି ମିଶ୍ର ଏବଂ ସିଭିଲ କୋର୍ଟ ରେଜିଷ୍ଟ୍ରାର ନିଶାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୯।୧୨।୨୦୨୩ ଦ୍ୱିତୀୟ ଶନିବାର ଅନୁଷ୍ଠିତ ହେବ ବୋଲି ପ୍ରାଧିକରଣର ସଚିବ ବିଶେଷ କୁମାର ସାହୁ ସୂଚନା ଦେଇଛନ୍ତି ।

# ବିଜୁ ସେତୁ କାମ ଅଧାପନ୍ତରିଆ

ନୟାଗଡ଼,୯।୯(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ଗମ୍ଭାରିଡିହିଟିପୁରା ରାସ୍ତାର ଦୁଆଣ୍ଟ ନଦୀ ଉପରେ ନିର୍ମାଣ ହେଉଥିବା ପୋଲ ଅଧାପନ୍ତରିଆ ଅବସ୍ଥାରେ ଗତ ୩ ବର୍ଷ ହେଲା ପଡି ରହିଛି । କିନ୍ତୁ ନାମ ଫଳକ ଦେଖିଲେ ୨ବର୍ଷ ହେଲା କାମ ଶେଷ ହୋଇଗଲାଣି । ପୋଲ ନିର୍ମାଣ ନ ହେବାରୁ ଗମ୍ଭାରିଡିହି, ଚନ୍ଦ୍ରଶେଖରପୁର, ଦେଉଳି, ଅମୃତମଣୋହୀ, କୃଷ୍ଣାଦେଇପୁର, ନନ୍ଦପୁର, ସମାନ୍ତରାପୁର, ଟିପୁରା, ଇଙ୍କିରି, ନଛିପୁର, ତେନ୍ତୁଳିଆପଲ୍ଲୀ, ଖଇରପଟି ଓ ଆଡବନ୍ଧ ଲୋକେ ବର୍ଷାଋତୁରେ ଯାତାୟତରେ ହଇରାଣ ହେଉଛନ୍ତି। ଗ୍ରାମ୍ୟ ନିର୍ମାଣ ବିଭାଜନ-୧ ପକ୍ଷରୁ ପୋଲ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ଟିପୁରା ରାସ୍ତାର ଦୁଆଣ୍ଟ ନଦୀ ଉପରେ ଉକ୍ତ ସେତୁ ନିର୍ମାଣ ପାଇଁ ୧୬।୨।୨୦୧୯ରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଶିଳାନ୍ୟାସ କରିଥିଲେ । ପୋଲ ନିର୍ମାଣ ପାଇଁ ୫୮୫.୬୫ ଲକ୍ଷ ମଞ୍ଜୁର ହୋଇଥିଲା। ୨୧।୮।୨୦୧୯ରୁ କାମ ଆରମ୍ଭ ହୋଇଥିଲା । ୨୦।୨।୨୦୨୧ରେ କାମ ଶେଷ ହେବା ପାଇଁ ସରକାରୀ ନିର୍ଦ୍ଦେଶ ଥିଲା । ଏପରି କି ପୋଲ ନିକଟରେ ମରାଯାଇଥିବା ନାମ ଫଳକରେ ମଧ୍ୟ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଉଲ୍ଲେଖ ରହିଛି । ତେବେ ପୋଲ କାମ ଅଧାପନ୍ତରିଆ ହୋଇ ପଡ଼ ରହିଛି । ଏନେଇ ଗ୍ରାମ୍ୟ ନିର୍ମାଣ ବିଭାଜନ-୧ ର ନିର୍ବାହୀ ଯନ୍ତ୍ରୀ ହୃଷିକେଶ ବରାଳ କୁହନ୍ତି, ନଦୀରେ ବନ୍ୟା ଜଳ ଆସିବା କାରଣରୁ କାମ ବନ୍ଦ ରହିଛି । ପୁଣି ଉପରେ ବୁଢ଼ାବୁଢ଼ିଆଣି ବନ୍ଧ ପାଣି ଛାଡୁଛି । ବର୍ଷାଋତୁ ଶେଷ ହେଲେ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି ।

## ଡାହୁକା ପୋଲ କାମ ୩ ବର୍ଷ ହେଲା ବନ୍ଦ

ନୟାଗଡ଼-ଖଣ୍ଡପଡ଼ା ମୁଖ୍ୟ ରାସ୍ତାର ଯଦୁପୁର ବାଲୁଗାଁ ମଧ୍ୟବର୍ତ୍ତୀ ଅଞ୍ଚଳର ଡାହୁକା ପୋଲର କାମ ୩ ବର୍ଷ ହେଲା ବନ୍ଦ ରହିଛି । ଜମି ଅଧିଗ୍ରହଣ ହୋଇ ପାରୁ ନ ଥିବାରୁ ପୋଲ କାମ ହେଉନାହିଁ। ଅନ୍ୟପକ୍ଷେ ଜଣେ ଠିକାଦାର କାମ ବିଳମ୍ବ କରିବାରୁ ସାନି ଟେଣ୍ଡର ହୋଇଛି । ଏଭଳି ସ୍ଥଳେ ଯଦୁପୁର ବାଲୁଗାଁ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ପୋଲ ବିପଦସଙ୍କୁଳ ହୋଇ ପଡିଲାଣି । ଏଥିରେ ପ୍ରତ୍ୟହ ଭାରି ଯାନ ଚାଲୁଛି । ପୋଲଟି ଦୁର୍ବଳ ହୋଇ ଯାଇଥିବାରୁ କେତେବେଳେ ଅଘଟଣ ଘଟିବ କହି ହେବ ନାହିଁ । ଏଭଳିସ୍ଥଳେ ପୁରୁଣା ପୋଲ ସ୍ଥାନରେ ନୂଆ ପୋଲ ନ କରି ପୁରୁଣା ପୋଲ ଠାରୁ କିଛି ଦୂରରେ ନିର୍ମାଣ କରିବା ସମସ୍ୟା ଡାକି ଆଣିଛି । ଯଦି ଜମି ଅଧିଗ୍ରହଣ ନ ହୋଇ ପାରିଲା ପୋଲ ନିର୍ମାଣରେ ଯେଉଁ ଟଙ୍କା ବିନିଯୋଗ ହୋଇଛି ତାହା ପାଣିରେ ପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଯଦି ଜମି ଅଧିଗ୍ରହଣ ହେଲା ତେବେ ପୋଲ ନିର୍ମାଣ ହେବାକୁ ପୁଣି ୧ରୁ ୨ ବର୍ଷ ସମୟ ଲାଗି ପାରେ । ନୂଆ ପୋଲ ନିର୍ମାଣ ହେବା ବେଳକୁ ପୁରୁଣା ପୋଲର ସ୍ଥାୟିତ୍ୱ ରହିବ କି ନାଁ କହିବା ମୁସ୍କିଲ । ଅପରପକ୍ଷେ ଏହି ପୋଲ ପାଇଁ ନାମ ଫଳକ ନାହିଁ । ନାମ ଫଳକ ଲଗା ଯାଇ ନ ଥିବାରୁ ପୋଲ ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି, କିଏ କାମ କରୁଛି, କାମ କେବେ ଆରମ୍ଭ ହେଲା ଓ କେବେ ଶେଷ ହେବ ସେ ନେଇ କିଛି ଜାଣି ହେଉନି ବୋଲି ଅଭିଯୋଗ ଉଠିଛି । ଏନେଇ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଅଭିଷେକ ଓଝା କୁହନ୍ତି, ପୋଲ କାମ ପାଇଁ ଜମି ଅଧିଗ୍ରହଣ ହୋଇ ପାରିଲା ନାହିଁ । ସ୍ଥାନୀୟ ଲୋକ ପୋଲ କାମ ବନ୍ଦ କରାଇ ଦେଲେ । ନଦୀ ଭିତରେ ପୋଲ କାମ କରିବା ବେଳେ ବନ୍ୟା ଜଳ ବାଧକ ସାଜିଛି । ଏଣୁ ଜମି ଅଧିଗ୍ରହଣ ପାଇଁ ରିଭାଇଜ ଏଷ୍ଟିମେଟ ଆପ୍ରୁଭାଲ ପାଇଁ ସରକାରଙ୍କ ନିକଟକୁ ଫାଇଲ ଯାଇଛି। ଆପ୍ରୁଭାଲ ମିଳିଲେ ପୋଲ କାମ ପୁଣିଥରେ ଆରମ୍ଭ ହେବ ବୋଲି କହିଛନ୍ତି ।

**ଫଳକରେ ୨ବର୍ଷ ତଳୁ କାମ ଶେଷ**


ଦୁଆଣ୍ଟ ନଦୀ ଉପରେ ଚାଲିଥିବା ପୋଲ ନିର୍ମାଣ କାମ ବନ୍ଦ ରହିଛି।


ଡାହୁକା ପୋଲ ନିର୍ମାଣ କାମ ବି ଅଧାପନ୍ତରିଆ ଅବସ୍ଥାରେ ରହିଛି।

